# କୃଷକ ସଙ୍ଗଠନର ନୂଆଁଖାଇ ଭେଟ୍‌ଘାଟ୍

**ସରଣ୍ଡା,୧୩।୯(ଡି.ଏନ.ଏ)**

ବରଗଡ ଜିଲା ଅତାବିରା ବ୍ଲକ ଚକୁଲି ଗ୍ରାମପଞ୍ଚାୟତ କୃଷକ ସଙ୍ଗଠନର ଏକ ସମାବେଶ ଏବଂ ନୂଆଁଖାଇ ଭେଟଘାଟ ସୋମବାର ସରଣ୍ଡା ବିଶେଶ୍ୱର ମନ୍ଦିର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଚକୁଲି ପଞ୍ଚାୟତ ସଭାପତି ମନୋରଞ୍ଜନ କୁମ୍ଭାରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲା କୃଷି ଅଧିକାରୀ ଅଶୋକ କୁମାର ଅମାତ ମୁଖ୍ୟଅତିଥି, ଭୁବନେଶ୍ୱର ବିହନ ଉତ୍ପାଦନ ଗବେଷଣା କେନ୍ଦ୍ର ଅଧିକାରୀ ଦିଲୀପ କୁମାର ରାଉତ, ଓଡିଶା ରାଜ୍ୟ କୃଷକ ସଙ୍ଗଠନ ଅତାବିରା ଶାଖା ସଭାପତି ବୀରେନ୍ଦ୍ର କର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ସରକାରଙ୍କ ଚାଷୀ ମାରଣ ନୀତି, ଗତ ରବିଋତୁରେ ବ୍ଲକର ବହୁ ଚାଷୀଙ୍କ ଧାନ ବିକ୍ରି ହୋଇ ନ ପାରିବା, ଫସଲବୀମା, ମଧ୍ୟବର୍ତ୍ତୀକାଳୀନ ସହାୟତା ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା। କୃଷି ଅଧିକାରୀ ଅମାତ ନିଜର ବକ୍ତବ୍ୟରେ କହିଥିଲେ, ଅଧିକ ଅମଳ ଅପେକ୍ଷା ଉନ୍ନତ ମାନର ଧାନ ଉତ୍ପାଦନ, ଏବଂ ସୁଗାର ଫ୍ରି ଧାନଚାଷ ଉପରେ ଜୋର୍ ଦେଇଥିଲେ। ସେହିପରି ଧାନ ଚାଷ ପରିବର୍ତ୍ତେ ବିକଳ୍ପ ଚାଷ ପାଇଁ ସେ ଚାଷୀମାନଙ୍କୁ ବୁଝାଇଥିଲେ। ଆଲୋଚନାରେ ତ୍ରିଲୋଚନ ନାୟକ, ରାମରତ୍ନାକର ପ୍ରଧାନ, ନାରାୟଣ ସ୍ୱାଇଁ, ବୀରେନ୍ଦ୍ର କର, ଟିକେଲାଲ ମିଶ୍ର, ଭୀଷ୍ମଦେବ ପଣ୍ଡା, କିର୍ତ୍ତନ ବିଶ୍ୱାଳ, ସଞ୍ଜୟ କୁମ୍ଭାର, ସୁବାଷ ବିଶ୍ୱାଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କୋଶଲୀ କବି ଦଶରଥ ଭୋଇ ନୂଆଁଖାଇ ଉପରେ କବିତା ପାଠ କରିଥିଲେ। ଚକୁଲି, ସରଣ୍ଡା, ତାଳପଦରଟିକିରା, ଗଡମୁଣ୍ଡା, କଟାପାଲି, ମୁରେଲଟିକ୍ରା, ବାଗବାହାଲ ଆଦି ଗ୍ରାମର ଚାଷୀମାନେ ବୈଠକରେ ଯୋଗ ଦେଇଥିଲେ। ସମ୍ପାଦକ ଭରତ ମଲ୍ଲିକ ବିବରଣୀ ପଠନ ଏବଂ ଉପସଭାପତି ନରେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କୃଷି ଯନ୍ତ୍ରପାତି ଉପରେ ପ୍ରଦର୍ଶନୀ ହୋଇଥିଲା ।

# ମନ ମୋହିଲା କୁନି କଳାକାରଙ୍କ ନୃତ୍ୟ

## ସିଆଲବାହାଲିରେ ନୂଆଁଖାଇ ଭେଟ୍‌ଘାଟ

**ଦେଓଗାଁ,୧୩।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ଅନ୍ତର୍ଗତ ବହଲି ସିଆଲବାହାଲିରେ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚକାଡୋଳା ଗଣେଶ ପୂଜା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବରେ ଗାଁର କୁନିକୁନି କଳାକାରମାନେ ନୃତ୍ୟଗୀତ ପ୍ରଦର୍ଶିତ କରିଥିଲେ। ଏହି ଦିନ ଗାଁରେ ଯୁବତୀଯୁବକଙ୍କୁ ନେଇ ମାଠିଆ ଫଟା, ମ୍ୟୁଜିକ ଚେୟାର, ବସ୍ତାଦୌଡ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଛତାପିପଲରେ ମଧ୍ୟ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଥିଲା । ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବଲାଙ୍ଗୀର ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଅମିତ କୁମାର ସିଂ ନିନା, ସମ୍ମାନୀତ ଅତିଥି ଗୌନ୍ତିଆ କାଶିନାଥ ଗୁରାଣ୍ଡି ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ବିଚାରକଭାବେ ଶ୍ୟାମ ସୁନ୍ଦର ଦାଶ, ଯୋଗେଶ୍ୱର ନାଏକ ଓ ଅଚ୍ୟୁତ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ ।


ଛତାପିପଲରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

# ନୂଆଁଖାଇରେ କବାଡି ଟୁର୍ନାମେଣ୍ଟ

**ପାଇକମାଳ,୧୩।୯ ( ଡି.ଏନ .ଏ.)**

ପାଇକମାଳ ବ୍ଲକ ମାଣ୍ଡୋସିଲ ସୋନିଆ ନଗର ବଡ଼ ପଡ଼ିଆରେ ସୋମବାର ୧୯ ବର୍ଷରୁ କମ୍ କବାଡି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦ଟି ଦଳ ଭାଗ ନେଇଥିଲେ। ସମାଜସେବୀ ଲଳିତ ଜଗତ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ। ରଘୁମଣି ସାହୁ, ଲବ ଚଳାନ, ବାଲେକ ରାମ ବେନିଆ, ଅନିଲ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମାଣ୍ଡୋସିଲ ଓ ଭୂତମୁଣ୍ଡା ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା ଏବଂ ମାଣ୍ଡୋସିଲ ଦଳ ବିଜୟ ଲାଭ କରି ଚାମ୍ପିୟନ ହୋଇଥିଲା। ବିଜୟୀ ଓ ଉପ ବିଜେତା ଦଳକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବୈବସ୍ୱତ ପ୍ରଧାନ, ଶଙ୍କର ପରାଭୋଇ ଓ ଅନିଲ ଦାସ ମ୍ୟାଚ୍ ପରିଚାଳନା କରିଥିଲେ। ରୋହିତ ଖୁଣ୍ଟିଆ ଧାରା ବିବରଣୀ ଏବଂ ହରି ଭରାସାଗର, ଅକ୍ଷୟ ସାହୁ ସ୍କୋରର ଥିଲେ। ବିନୋଦ ମହାନନ୍ଦ, ବିଭୂତି ରଣା, ଜଗ ରଣା, ମନୋରଞ୍ଜନ ମଲ୍ଲିକ, ସୀତାକାନ୍ତ ମଲ୍ଲିକ ଓ ମାନସ ନାଏକ ପ୍ରମୁଖ ସହଯୋଗ କରିଥିଲେ ।

# ଭେରୁଆମୁଣ୍ଡାରେ ନୂଆଁଖାଇ ଭେଟ୍‌ଘାଟ

**ପାଇକମାଳ,୧୩।୯ ( ଡି.ଏନ .ଏ.)**

ବରଗଡ ଜିଲା ପାଇକମାଳ ବ୍ଲକ ଜାମସେଠ ପଞ୍ଚାୟତ ଭେରୁଆମୁଣ୍ଡା ଠାରେ ବାପୁଜୀ କ୍ଲବ ପକ୍ଷରୁ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜସେବୀ ଶରତ ତାଣ୍ଡି, ଆର୍ତ୍ତତ୍ରାଣ ସାହୁ, ରଞ୍ଜନ ମାଝୀ, ବିପିନ ସାହୁ, ଗୁଡ୍ଡୁ ମାଝୀ, ଅନୁରୁଦ୍ଧ ବେହେରା, ମଦନ ଭୋଇ ରଜନୀ ମାଝୀ ଧନୁମାଝୀ, ମୁକ୍ତା ମାଝୀ ଅତିଥି ଭାବେ ମଞ୍ଚାସୀନ ଥିଲେ। ରତ୍ନାକର ମାଝୀ, ଆକାଶ ସାହୁ ଓ କ୍ଷୀରୋଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଡ୍ୟାନ୍ସ ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ମିଶ୍ର ମାଝୀ, ମଦନ ଗଏଁତା, ରଞ୍ଜନ ମାଝୀ, କ୍ଷିତି ମାଝୀ, ଯାଦବ ମାଝୀଙ୍କ ସମେତ ସମସ୍ତ କ୍ଲବ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।


ନୂଆଁଖାଇ ଜୁହାର
ଗଣପର୍ବ ନୂଆଁଖାଇ ଅବସରରେ ଦୁର୍ଜନତୈଲା ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।
ସୁପ୍ରଭା ଖେତୀ
ପୂର୍ବତନ ସରପଞ୍ଚ, ଦୁର୍ଜନତୈଲା ଗ୍ରା.ପ.
ରଞ୍ଜିତ ଖେତୀ
ସରପଞ୍ଚ, ଦୁର୍ଜନତୈଲା ଗ୍ରାମ ପଞ୍ଚାୟତ
ଜି- ସୁବର୍ଣ୍ଣପୁର

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ଝାରମୁଣ୍ଡା ପଞ୍ଚାୟତବାସୀଙ୍କୁ ନୂଆଁଖାଇ ଜୁହାର ।
ସୁନୀଲ କୁମାର ଅଗ୍ରୱାଲ, ସରପଞ୍ଚ

ନୂଆଁଖାଇ ଜୁହାର
ଖପ୍ରାଖୋଲ ବ୍ଲକର ସମସ୍ତ ଜନସାଧାରଣ, ଶ୍ରମିକ, କୃଷକ, ଯୁବକମାନଙ୍କୁ ମୋର ନୂଆଁଖାଇ ଜୁହାର ।
ଇଂ ସୋମ୍ୟକିଶୋର ଜୟପୁରିୟା
ସହକାରୀ ନିର୍ବାହୀ ଯନ୍ତ୍ରୀ, ଖପ୍ରାଖୋଲ ବ୍ଲକ

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ହୀରାପୁର ପଞ୍ଚାୟତବାସୀଙ୍କୁ ନୂଆଁଖାଇ ଜୁହାର ।
ରୀନା ବିଶି, ସରପଞ୍ଚ

ଖପ୍ରାଖୋଲ ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର ।
ରାଜକିଶୋର ନାଏକ
କନିଷ୍ଠ ଯନ୍ତ୍ରୀ, ଖପ୍ରାଖୋଲ

ନୂଆଁଖାଇ ଜୁହାର
ଗଣପର୍ବ ନୂଆଁଖାଇ ଅବସରରେ ବୀରମହାରାଜପୁର ରେଞ୍ଜ୍ ଅଧୀନସ୍ଥ ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର ।
ଅଜୟ କୁମାର ବାରା
ବନପାଳ, ବୀରମହାରାଜପୁର ରେଞ୍ଜ୍

ନୂଆଁଖାଇ ଜୁହାର
ଗଣପର୍ବ ନୂଆଁଖାଇ ଅବସରରେ ବହଳପଦର କୃଷି ସେବା ସମିତିର ସମସ୍ତ ଚାଷୀମାନଙ୍କୁ ନୂଆଁଖାଇ ଜୁହାର ।
ପ୍ରଫୁଲ୍ଲ ଦନ୍ତା
ସମ୍ପାଦକ, ବହଳପଦର ସେବା ସମିତି, ବୀରମହାରାଜପୁର

ନୂଆଁଖାଇ ଜୁହାର
ଗଣପର୍ବ ନୂଆଁଖାଇ ଅବସରରେ ବାଗବର ପଞ୍ଚାୟତ ତଥା ବୀରମହାରାଜପୁର ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।
ବ୍ୟୋମକେଶ ପଣ୍ଡା
ସରପଞ୍ଚ
ବାଗବର ଗ୍ରାମ ପଞ୍ଚାୟତ

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର ।
ରାଜୁ ସାହୁ
ଯୁବ ଭାଜପା ନେତା

ନୂଆଁଖାଇ ଜୁହାର
ଗଣପର୍ବ ନୂଆଁଖାଇ ଅବସରରେ ବହଳପଦର ଗ୍ରା.ପ.ର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।
ଚନ୍ଦ୍ରକାନ୍ତୀ ଦନ୍ତା
ସରପଞ୍ଚ, ବହଳପଦର ଗ୍ରା.ପ., ଜି-ସୁବର୍ଣ୍ଣପୁର

ନୂଆଁଖାଇ ଜୁହାର
ଗଣପର୍ବ ନୂଆଁଖାଇ ଅବସରରେ ମୁର୍ଷୁଣ୍ଡୀ କୃଷି ସେବା ସମବାୟ ସମିତିର ସମସ୍ତ ଚାଷୀଙ୍କୁ ନୂଆଁଖାଇ ଜୁହାର।
ପ୍ରଭାତ କୁମାର ସାହୁ
ସମ୍ପାଦକ, ମୁର୍ଷୁଣ୍ଡୀ ସେବା ସମବାୟ ସମିତି, ସୁବର୍ଣ୍ଣପୁର

ନୂଆଁଖାଇ ଜୁହାର
ଗଣପର୍ବ ନୂଆଁଖାଇ ଅବସରରେ ବୀରମହାରାଜପୁର ଅଞ୍ଚଳର ସମସ୍ତ ଇଣ୍ଡେନ ଗ୍ୟାସ୍ ଉପଭୋକ୍ତା ଓ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର ।
ଦିଲ୍ଲୀପ କୁମାର ମେହେର
ସ୍ୱତ୍ୱାଧିକାରୀ, ଇଣ୍ଡେନ ଗ୍ୟାସ, ବୀରମହାରାଜପୁର

ନୂଆଁଖାଇ ଜୁହାର
ହରିଶଙ୍କର ବାବା ଖପ୍ରାଖୋଲ ବ୍ଲକର ସମସ୍ତ ଜନସାଧାରଣଙ୍କୁ ସୁଖ, ଶାନ୍ତି ଓ ସମୃଦ୍ଧି ଆଣି ଦିଅନ୍ତୁ ଏତିକି ପ୍ରାର୍ଥନା ।
ରଶ୍ମିରଞ୍ଜନ ରାଉତ
ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଖପ୍ରାଖୋଲ ବ୍ଲକ

ନୂଆଁଖାଇ ଜୁହାର
ଗଣପର୍ବ ନୂଆଁଖାଇ ଅବସରରେ ବୀରମହାରାଜପୁର ଅଞ୍ଚଳର ସମସ୍ତ ଚାଷୀଭାଇମାନଙ୍କୁ ନୂଆଁଖାଇ ଜୁହାର ।
ହାରାଧନ ବେହେରା
ବିଡିସିସି ସୁପରଭାଇଜର, ବୀରମହାରାଜପୁର ଶାଖା ଏବଂ ଇନ୍‌ଚାର୍ଜ ହିଲୁଙ୍ଗ ପେକ୍ସ

ନୂଆଁଖାଇ ଜୁହାର
ଗଣପର୍ବ ନୂଆଁଖାଇ ଅବସରରେ ବହଳପଦର ରେଞ୍ଜ ଅଧୀନସ୍ଥ ସମସ୍ତ କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।
ଜୟନ୍ତ ଦାଶ
ରେଞ୍ଜ ଅଧିକାରୀ
ବହଳପଦର କେ.ଏଲ୍.
ଗ୍ରା.ପ. ଅମରପାଲି, ରେଢ଼ାଖୋଲ ଡିଭିଜନ

ନୂଆଁଖାଇ ଜୁହାର
ସମସ୍ତଙ୍କ ସୁଖ, ଶାନ୍ତି ଓ ଉତ୍ତମ ସ୍ୱାସ୍ଥ୍ୟ କାମନା କରୁଛି ।
ସରିତା କୁଜୁର
କନିଷ୍ଠ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ଖପ୍ରାଖୋଲ ।

ନୂଆଁଖାଇ ଜୁହାର
ହରିଶଙ୍କର ବାବା ସମସ୍ତଙ୍କୁ ସୁଖ, ଶାନ୍ତି ଆଣି ଦିଅନ୍ତୁ।
ଶ୍ରୀବତ୍ସ କୁମୁରା
ହରିଶଙ୍କର ବନ ବିଭାଗ ରେଞ୍ଜ ଅଧିକାରୀ

ନୂଆଁଖାଇ ଜୁହାର
ଗଣପର୍ବ ନୂଆଁଖାଇ ଅବସରରେ ବହଳପଦର ଗ୍ରା.ପ.ର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।
ଲିଙ୍ଗରାଜ ଭୋଇ
ନିର୍ବାହୀ ଅଧିକାରୀ, ବହଳପଦର ଗ୍ରା.ପ.
ବୀରମହାରାଜପୁର ବ୍ଲକ

ନୂଆଁଖାଇ ଜୁହାର
ଗଣପର୍ବ ନୂଆଁଖାଇ ଅବସରରେ ଲୁତୁରପଙ୍କ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର ।
ସୁଜାତା ସାହୁ, ସରପଞ୍ଚ
ଲୁତୁରପଙ୍କ ଗ୍ରାମ ପଞ୍ଚାୟତ, ବୀରମହାରାଜପୁର ବ୍ଲକ

ନୂଆଁଖାଇ ଜୁହାର
ବିଜୁ ଜନତା ଦଳ
ପଶ୍ଚିମ ଓଡିଶାର କୃଷି ଭିତ୍ତିକ ଗଣପର୍ବ "ନୂଆଖାଇ" ଉପଲକ୍ଷେ ସମସ୍ତ ସୁବର୍ଣ୍ଣପୁର ଜିଲ୍ଲା ତଥା ବିର ମହାରାଜପୁର ର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ସମିଙ୍କ ପାଇଁ ସୁଖ, ସମୃଦ୍ଧି ଆଣି ଦେଉ ଏହା ହିଁ ଭଗବାନଙ୍କ ଠାରେ ମୋର ପ୍ରାର୍ଥନା ।
ନାରାୟଣ ଲୁହା
ଯୁବ ବିଜେଡି ସଭାପତି
(ପୂର୍ବତନ ସରପଞ୍ଚ, ଇଫୁଲା)
ବିରମହାରାଜପୁର

# ୮ ମାସ ବିତିଲା
# ସୋନପୁର ସ୍ପିନିଂ ମିଲ୍ ଉତ୍ପାଦନ ବନ୍ଦ

■ ବେସରକାରୀ ସଂସ୍ଥାକୁ ଦେବାର ଫଳ
■ ଅବିଭକ୍ତ ବଲାଙ୍ଗୀର ଜିଲାର ପ୍ରଥମ ଶିଳ୍ପ ପ୍ରତିଷ୍ଠାନ
■ ଦୁର୍ଦ୍ଦିନରେ ମିଲ୍‌ର ଶ୍ରମିକ ଓ କର୍ମଚାରୀ

**ସୋନପୁର,୧୩।୯(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାର ଏକମାତ୍ର ଶିଳ୍ପ ପ୍ରତିଷ୍ଠାନ ହେଉଛି ସ୍ପିନିଂ ମିଲ୍। ସୋନପୁର ସ୍ପିନିଂ ମିଲ୍‌ର ଉତ୍ପାଦନ ଗତ ଜାନୁୟାରୀ ମାସ ଠାରୁ ବନ୍ଦ ରହିଛି। ମିଲ୍‌ର ଶ୍ରମିକ ଓ କର୍ମଚାରୀ ଦୁର୍ଦ୍ଦିନରେ ଅଛନ୍ତି। ମିଲ୍ କେବେ ଚାଲୁ ହେବ ଶ୍ରମିକମାନେ ଚାହିଁ ରହିଛନ୍ତି। ଅନ୍ୟପକ୍ଷରେ ମିଲ୍ ମାଲିକ ପ୍ରାୟ ୧୫ ମାସର ଇପିଏଫ ଜମା କରି ନ ଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ୧୯୮୨ ମସିହାରେ ଏହି ମିଲ୍ ପ୍ରତିଷ୍ଠା ହୋଇଥିଲା। ସେତେବେଳେ ଅବିଭକ୍ତ ବଲାଙ୍ଗୀର ଜିଲାର ଏହା ପ୍ରଥମ ଶିଳ୍ପର ମାନ୍ୟତା ପାଇଥିଲା। ମିଲ୍ ସ୍ଥାପନ ପଛରେ ପଛୁଆ ଅଞ୍ଚଳର ବିକାଶ ଓ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ପରିବାରବର୍ଗଙ୍କୁ କର୍ମ ସଂସ୍ଥାନ ଯୋଗାଇବା ଲକ୍ଷ୍ୟ ଥିଲା। ଅଳ୍ପ ମୂଳଧନରେ ଅର୍ଥାତ୍ ୫ କୋଟି ଟଙ୍କାରେ ୧୦୦୦ରୁ ଅଧିକ ଲୋକଙ୍କୁ ଏହି ମିଲ୍ କର୍ମ ସଂସ୍ଥାନ ଯୋଗାଇ ପାରିଥିଲା। ଶିଳ୍ପ ସଂସ୍ଥାଟି ଠିକ୍ ଭାବରେ ଚାଲୁଥିଲା। କିନ୍ତୁ କେତେକ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ଓ ପରିଚାଳନାଗତ ତ୍ରୁଟି ଯୋଗୁ ଧୀରେଧୀରେ କ୍ଷତି ଆଡକୁ ଗତିକଲା। ପ୍ରଥମେ ରାଜ୍ୟ ଶିଳ୍ପ ଉନ୍ନୟନ ନିଗମ ସୋନପୁର, ବାରିପଦା ଓ ଆସ୍କା ସ୍ପିନିଂ ମିଲ୍‌କୁ ପରିଚାଳନା କରୁଥିଲା। ୧୯୯୦ ମସିହା ଏପ୍ରିଲ ମାସରୁ ଏବିଏସ୍ ନାମକ ଏକ କମ୍ପାନୀକୁ ପରିଚାଳନାଗତ ସୁବିଧା ଏବଂ ଅଧିକ ଉତ୍ପାଦନ କରିବା ପାଇଁ ଦାୟିତ୍ୱ ଦିଆ ଯାଇଥିଲା। କିନ୍ତୁ ଆଶ୍ଚର୍ଯ୍ୟ ଜନକ ଭାବରେ ୧୯୯୨ ମସିହାରେ ସୋନପୁର ସ୍ପିନିଂ ମିଲ୍‌କୁ ବ୍ୟବସାୟୀଙ୍କ ହାତରେ ଟେକି ଦିଆଗଲା। ସୂତା ବ୍ୟବସାୟୀମାନେ ତୁଳା ଦେଇ ସୂତା ନେଲେ। ୧୯୯୨ ରୁ ୨୦୦୧ ପର୍ଯ୍ୟନ୍ତ ସୋନପୁର ସ୍ପିନିଂ ମିଲ୍‌କୁ କେକେ ସ୍ପିନର, ଓଏସଏମ, ଏଚ ଆର ଇଣ୍ଟର ନ୍ୟାଶନାଲ ଗୁହାଟିଆ, ଓଡିଏମପିଏଲ ନାମକ ସଂସ୍ଥା ସହିତ ଚୁକ୍ତିନାମା କରି ମିଲକୁ ଚଳାଗଲା। ଏଥିଯୋଗୁ ବ୍ୟବସାୟୀଙ୍କ ଲାଭ ହେଲା କିନ୍ତୁ ସ୍ପିନିଂ ମିଲ୍‌ର ଦୁରାବସ୍ଥା ଦିନକୁ ଦିନ ବଢିଚାଲିଲା। ଉତ୍ପାଦନ ତୁଳନାରେ ଯେତିକି ଆୟ ହେବା କଥା ହେଲା ନାହିଁ। ଶ୍ରମିକମାନେ ଠିକ୍ ସମୟରେ ଦରମା ପାଇଲେ ନାହିଁ କି ବିଦ୍ୟୁତ୍ ଦେୟ ମଧ୍ୟ ପୈଠ ହୋଇପାରିଲା ନାହିଁ। ବିଦ୍ୟୁତ୍ ଦେୟ ବୃଦ୍ଧି ପାଇ ୧ କୋଟି ୨୦ ଲକ୍ଷରେ ପହଞ୍ଚିବାରୁ ବିଦ୍ୟୁତ୍ ସଂଯୋଗ କାଟି ଦିଆଗଲା। ୨୦୦୧ରେ ଏହି ସ୍ପିନିଂ ମିଲ୍‌ବନ୍ଦ ହୋଇ ଯାଇଥିଲା। ଏହି ଶିଳ୍ପ ସଂସ୍ଥା ରୁଗ୍ଣ ହେବାରୁ ବହୁ କର୍ମଚାରୀ ସ୍ୱେଚ୍ଛାକୃତ ଅବସର ନେବାକୁ ବାଧ୍ୟ ହେଲେ। ମିଲଟି ବନ୍ଦ ହେବା ପରେ ପୁଣି ଆନ୍ଦୋଳନ ହେଲା। ୨୦୦୭ରେ ବେସରକାରୀ ପ୍ରତିଷ୍ଠାନ କଲିକତାର ଫିରୋଜା ସ୍ପିନିଂ ମିଲ୍‌ର ମାଲିକ ବିଜୟ ଅଗ୍ରୱାଲାଙ୍କୁ ଦାୟିତ୍ୱ ଦିଆଗଲା। ୨୦୧୦ରେ ଏହା କାର୍ଯ୍ୟାରମ୍ଭ କରିବା ସହିତ ଉତ୍ପାଦନ ଆରମ୍ଭ କଲା। ପରବର୍ତ୍ତୀ ସମୟରେ ଏହାର ନାମ ପରିବର୍ତ୍ତନ କରାଯାଇ ବାଲାଜି ଗଣପତି ସ୍ପିନିଂ ମିଲ୍ ରଖାଗଲା। ତେବେ ଶ୍ରମିକ ସଂଖ୍ୟା ହ୍ରାସ ପାଇ ୧୫୦ ନିୟମିତ ଶ୍ରମିକ ଓ ୧୦୦ ଜଣ ଟ୍ରେନିଂ ଶ୍ରମିକରେ କାମ ଚାଲିଲା। ତେବେ ଏଠାରୁ ମାଲିକ ବହୁ ମୂଲ୍ୟବାନ ଯନ୍ତ୍ରପାତି ଅନ୍ୟତ୍ର ସ୍ଥାନାନ୍ତର କରିବା ଓ ବିଦ୍ୟୁତ୍ ଦେୟ ପୈଠ କରୁ ନ ଥିବାରୁ ମଝିରେ ମଝିରେ ମିଲ୍ ବନ୍ଦ ରହୁଛି। ଧୀରେ ଧୀରେ ଏପରି ଅବ୍ୟବସ୍ଥା ଯୋଗୁ ଶ୍ରମିକ ସଂଖ୍ୟା କମି ୬୦ରେ ପହଞ୍ଚିଲାଣି। ଏ ସମ୍ପର୍କରେ ଶ୍ରମିକ ସଂଘର ଯୋଗେନ୍ଦ୍ର ପ୍ରସାଦ ପଣ୍ଡା ଓ ଧବଳେଶ୍ୱର କୁମ୍ଭାର କୁହନ୍ତି ମିଲ ମାଲିକ ଆମର ଇପିଏଫ କାଟି ରଖିଛନ୍ତି। କିନ୍ତୁ ଜମା କରିନାହାନ୍ତି। ଏ ସମ୍ପର୍କରେ ଆମେ ଜିଲା ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବରେ ଜଣାଇଛୁ। ଅନ୍ୟପକ୍ଷରେ ବର୍ତ୍ତମାନର ମାଲିକ ସ୍ପିନିଂ ମିଲ୍‌କୁ ଲାଗିଥିବା ପ୍ରାୟ ୧୦୦ ଏକର ଜମିକୁ ହାତେଇବା ଲାଗି ନାମକୁ ମାତ୍ର ମିଲ ଚଳାଉଥିବା ସାଧାରଣରେ ଅଭିଯୋଗ ହେବା ସହିତ ଏନେଇ ମାମଲା କୋର୍ଟକୁ ମଧ୍ୟ ଯାଇଛି।


ସୋନପୁର ଗଣପତି ବାଲାଜୀ ସ୍ପିନିଂ ମିଲ୍ ।

# ବୁଢ଼ୀପଦରରେ ନୂଆଁଖାଇ ଭେଟ୍‌ଘାଟ


ନୂଆଁଖାଇ ଭେଟ୍‌ଘାଟରେ ନୃତ୍ୟ ପ୍ରତିଯୋଗିତା।

**ଲୋଇସିଂହା,୧୩।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢୀପଦର ଗ୍ରାମରେ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ରବିବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ କୁନିକୁନି ପିଲାଙ୍କ ନାଚଗୀତ ଅନୁଷ୍ଠିତ ହୋଇଥିଲା। ଗ୍ରାମର ଜଏସପିଏସ କ୍ଲବ ଓ ଗଣ୍ଡପଡାର ମିଳିତ ଆନୁକୂଲ୍ୟରେ ମଣ୍ଡପଠାରେ ଭେଟ୍‌ଘାଟ ଓ ନାଚଗୀତ ଅନୁଷ୍ଠିତ ହୋଇଥିଲା। ଏଠାରେ ଏକକ ନୃତ୍ୟରେ ପ୍ରିୟା ବୁଦ୍ଧିଆ, ପୂଜା ବାରିକ ଓ ଅର୍ଚ୍ଚିତା ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ସେହିପରି ଗୀତରେ ରୋଶନ ବେହେର ଓ ବିବେକ ବେହେରା ପୁରସ୍କୃତ ହୋଇଥିଲେ। ଏଥିରେ ସ୍ଥାନୀୟ ସମିତି ସଭ୍ୟ ପ୍ରଶାନ୍ତ ତ୍ରିପାଠୀ ଅତିଥିଭାବେ ଯୋଗଦେଇଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ଚିନିମହୁଲରେ ନୂଆଁଖାଇ ଭେଟ୍‌ଘାଟ


ନୂଆଁଖାଇ ଭେଟ୍‌ଘାଟରେ ମଞ୍ଚାସୀନ ଅତିଥି।

**ଜମନକିରା, ୧୩।୯(ଡି.ଏନ.ଏ.)**

ଜମନକିରା ବ୍ଲକ୍ ବଡ଼ରମା ପଞ୍ଚାୟତ ଚିନିମହୁଲ ଗାଁରେ ସୋମବାର ନୂଆଁଖାଇ ଭେଟ୍‌ଘାଟ୍ ଉତ୍କଳମଣୀ ଯୁବକସଂଘ ପକ୍ଷରୁ ସଭାପତି ବିଜୟ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ପୂର୍ବତନ ଜିଲାପରିଷଦ ସଭାପତି ଶୋଭାରାମ ପଧାନ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ମନ୍ଦିର ପରିଚାଳନା କମିଟି ସଭାପତି ଗଙ୍ଗାଧର ନାଏକ ମୁଖ୍ୟବକ୍ତା ଓ ଯୁକ୍ତ ୩ ମହାବିଦ୍ୟାଳୟ ଅଧ୍ୟକ୍ଷ ଅରୁଣ କୁମାର ପଟେଲ, ଗ୍ରାମ୍ୟ ଉନ୍ନୟନ କମିଟିସଭାପତିଚିନ୍ତାମଣୀ ପଧାନ, ପ୍ରଫୁଲ୍ଲ କୁମୁରା, କୁଳମଣୀ ପଟେଲ, ଗୁଣନିଧି ପଟେଲ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ନୂଆଁଖାଇ ଉପରେ ଆଲୋଚନା କରିଥିଲେ। ଗାଁର ଶତାଧିକ ମହିଳାପୁରୁଷ ଓ ପିଲାମାନେ ଉପସ୍ଥିତ ଥିଲେ।

# ନୂଆଁଖାଇ ଭେଟ୍‌ଘାଟରେ କୋଭିଡ୍ ଯୋଦ୍ଧା ସମ୍ବର୍ଦ୍ଧିତ


ଅତିଥିମାନେ କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ଝାରସୁଗୁଡ଼ା ଅଫିସ,୧୩।୯:** ସ୍ଥାନୀୟ ବେହାରମାଲସ୍ଥିତ କିଷାନ ଛକରେ ଗଜଲକ୍ଷ୍ମୀ ପୂଜା କମିଟି ଓ ଅଶୋକ ଶର୍ମା ମେମୋରିଆଲ୍ ସେବାଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ସୋମବାର ନୂଆଁଖାଇ ଭେଟଘାଟ୍ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡା ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗେନ୍ଦ୍ର ମାଝି ମୁଖ୍ୟଅତିଥି ଓ ପୂର୍ଣ୍ଣଚନ୍ଦ୍ର ମାଫିଦାର, ଟ୍ରଷ୍ଟ ପ୍ରମୁଖ ଦଶରଥ ଶର୍ମା ଓ ସଂକୀର୍ତ୍ତନ ଭଇଁସା ପ୍ରମୁଖ ସମ୍ମାନିତ ଅତିଥି ଯୋଗଦେଇଥିଲେ। ଏହି ଅବସରରେ ଆଗଧାଡିର କରୋନା ଯୋଦ୍ଧା ଅଙ୍ଗନୱାଡି, ଆଶାକର୍ମୀ ଓ ଏସ୍ଏଚ୍‌ଜି ଗ୍ରୁପ୍ ସଦସ୍ୟାଙ୍କୁ ମଞ୍ଚରେ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହା ସହିତ କରୋନାରେ ମୃତ୍ୟୁବରଣ କରିଥିବା କରୋନା ଯୋଦ୍ଧା ଖବରଦାତା ଅମ୍‌ଜାଦ୍ ବାଦଶାହା ଓ ସୁବାସ ସାହାରେ ପ୍ରମୁଖଙ୍କ ପରିବାର ଲୋକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ନୂଆଁଖାଇ ଭେଟ୍‌ଘାଟ, ନୃତ୍ୟ ପ୍ରତିଯୋଗିତା

**ଖପ୍ରାଖୋଲ, ୧୩।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ବନେକେରା ମାଁ ସମଲେଶ୍ୱରୀ କ୍ଲବ ତରଫରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ସମିତି ସଭ୍ୟ ସୁନନ୍ଦ ପୁଟେଲ, ସମ୍ମାନିତ ଅତିଥି ଧର୍ମରାଜ ବରିହା, ଟିକେଶ୍ୱର ବରିହା ଯୋଗଦେଇଥିଲେ । ନୂଆଁଖାଇର ପରମ୍ପରା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ପରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ବୁଢିବାହାଲ ଡ୍ୟାନ୍ସ ଗ୍ରୁପ ପ୍ରଥମ, ବେନକେରାର ଚନ୍ଦ୍ରମା କଙ୍କାର ଦ୍ୱିତୀୟ ଏବଂ ଡାଲଖାଇ ସଂସ୍କୃତି କଳାପରିଷଦ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସୁଧାଂଶୁ ପୁଟେଲ, ଭୋଜରାଜ ବରିହା, ଲିଙ୍ଗରାଜ ପୁଟେଲ. କେଶର ଡୁଡୁକା, ଆନନ୍ଦ ପୁଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


ନୃତ୍ୟ ପ୍ରତିଯୋଗିତାରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।





















# ବୀମା ପାଇଁ ରାସ୍ତାରେ ଚାଷୀ

ସମ୍ବଲପୁର,୧୩।୯(ବ୍ୟୁରୋ)

୨୦୨୦ର ପ୍ରଧାନମନ୍ତ୍ରୀ ଫସଲବୀମା ଟଙ୍କା ଦାବିରେ ଚାଷୀମାନେ ସୋମବାର ପୂର୍ବ ଘୋଷଣା ମୁତାବକ ୫୫ନଂ. ଜାତୀୟ ରାଜପଥର ଯୁଯୁମୁରା ତହସିଲ ଅଫିସ ସମ୍ମୁଖରେ ରାସ୍ତାରୋକୋ କରିଥିଲେ। ସକାଳ ୮ଟାରୁ ୪ ପଞ୍ଚାୟତର ଶତାଧିକ ଚାଷୀ ଏଥିରେ ସାମିଲ ହୋଇଥିଲେ। ଖବର ପାଇ ତହସିଲଦାର ଅଭିଷେକ ସାହୁ, ବିଡିଓ ସୁରଜ ବିଶ୍ୱାଳ, ଅତିରିକ୍ତ ଏସ୍‌ପି ଅମରେଶ ପଣ୍ଡା, ଥାନା ଅଧିକାରୀ ରାଜକୁମାର ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ।

ଚାଷୀମାନେ ଦର୍ଶାଇଥିଲେ, ବିଭିନ୍ନ ଅଫିସ, ବୀମା କମ୍ପାନୀକୁ ଅଭିଯୋଗ କଲାପରେ କେହି ଶୁଣିଲେ ନାହିଁ। ବୀମା ଟଙ୍କା ଦେବା ପରେ ରାସ୍ତା ଅବରୋଧ ହଟିବ ବୋଲି ଜିଦ୍ ଧରିଥିଲେ। ପରେ ଜିଲା ମୁଖ୍ୟ କୃଷି ଅଧିକାରୀ ସରୋଜ ଚାନ୍ଦ, କୃଷି ଅଧିକାରୀ ଟି. ନାଗ, ଏଆର୍‌ସିଏସ୍ ହରିହର ସେଠ ପହଞ୍ଚିଥିଲେ। ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଏବଂ ଚାଷୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଶାସନ ପକ୍ଷରୁ ସେପ୍ଟେମ୍ବର ୨୩ ଭିତରେ ଏ ନେଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତା ଅବରୋଧ ହଟିଥିଲା। ଅପରାହ୍ନ ୧ଟା ପର୍ଯ୍ୟନ୍ତ ୫ ଘଣ୍ଟା ଧରି ରାସ୍ତାରୋକୋ ଯୋଗୁ ଯାତାୟାତ ବନ୍ଦ ହୋଇଯାଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ସଂଖ୍ୟାରେ ଯାନବାହନ ଅଟକି ରହିଥିଲା। ବସ୍‌ରେ ଥିବା ଯାତ୍ରୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ବିଶେଷ କରି କେତେକ ଗାଡିରେ ଗର୍ଭବତୀ ମହିଳା ଓ ପିଲାମାନେ ଅଟକିରହି ଦୁର୍ଦ୍ଦଶା ଭୋଗିଥିଲେ। ସୂଚନାଯୋଗ୍ୟ ବିଭିନ୍ନ ପଞ୍ଚାୟତରେ ରାଜସ୍ୱ ବିଭାଗ, ପରିସଂଖ୍ୟାନ ବିଭାଗ, ବୀମା କମ୍ପାନୀ ଓ ଚାଷୀ ମିଳିତ ଭାବେ କ୍ରପ କଟିଂ ରିପୋର୍ଟ ପ୍ରସ୍ତୁତ କରିଥିଲେ। ତାଲିକାରେ ଯୁଯୁମୁରା, କେଶାପାଲି, ଗଡଲୁଇସିଂ, ଲିପିଣ୍ଡା, କୟାକୁଦ ପଞ୍ଚାୟତ ରହିଥିଲା। ହେଲେ ପରବର୍ତ୍ତୀ ସମୟରେ କେବଳ ଯୁଯୁମୁରା ପଞ୍ଚାୟତକୁ ବୀମା ଟଙ୍କା ଦିଆଯାଇଥିବାବେଳେ ଅନ୍ୟ ୪ ପଞ୍ଚାୟତକୁ ବାଦ୍ ଦିଆଯାଇଥିଲା। ଏ ନେଇ ଅଭିଯୋଗ କଲାପରେ କୃଷି ବିଭାଗ ପକ୍ଷରୁ ମକା ଚାଷୀଙ୍କୁ ବୀମା ମିଳିବ ବୋଲି କୁହାଯାଉଛି। ହେଲେ ଯୁଯୁମୁରା ଅଞ୍ଚଳରେ ମକା ଚାଷ ହୋଇ ନ ଥାଏ। କୃଷି ବିଭାଗ ଜାଣିଶୁଣି ଏଭଳି କରୁଛି ବୋଲି ସେମାନେ ଅଭିଯୋଗ କରିଥିଲେ। ଅନ୍ୟପଟେ ଅଣଜଳସେଚିତ ଅଞ୍ଚଳରେ ଏକର ପିଛା ୧୪ କୁଇଣ୍ଟାଲ ଧାନ ବିକ୍ରି କରିବାକୁ ସରକାର ଧାର୍ଯ୍ୟ କରିଥିଲେ। ଅଧିକାଂଶ ପଞ୍ଜୀକୃତ ଚାଷୀ ମିଳିଥିବା ପରିମାଣ ଧାନ ବିକ୍ରି କରିଥିବା ସରକାରୀ ରିପୋର୍ଟରେ ରହିଛି। କ୍ରପ କଟିଂ ରିପୋର୍ଟ ଓ ଧାନ ବିକ୍ରି ରିପୋର୍ଟ ଭିନ୍ନ ଆସୁଥିବାରୁ କୃଷି ବିଭାଗ ଏହାକୁ ଆଳ କରି ବୀମା ଟଙ୍କା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛି ବୋଲି ଅଭିଯୋଗ ହେଉଛି। ଅନ୍ୟପଟେ ୩୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ନାମରେ ଥାନାରେ ମାମଲା ରୁଜୁ ହୋଇଥିବା ପୋଲିସ କହିଛି।


୫୫ନଂ. ଜାତୀୟ ରାଜପଥର ଯୁଯୁମୁରା ତହସିଲ ଅଫିସ ସମ୍ମୁଖରେ ରାସ୍ତାରୋକୋ।

- ୫ ଘଣ୍ଟା ଯାତାୟାତ ଠପ, ଥାନାରେ ମାମଲା
- ଫସିରହିଲେ ଗର୍ଭବତୀ, ଛୋଟପିଲା

## ସଂକ୍ଷେପରେ

### ଆଜି ମୁଖ୍ୟମନ୍ତ୍ରୀଙ୍କ ରାଉରକେଲା ଗସ୍ତ

ଭୁବନେଶ୍ୱର/ସୁନ୍ଦରଗଡ଼,୧୩।୯ (ବ୍ୟୁରୋ/ଡି.ଏନ.ଏ.): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ରାଉରକେଲା ଗସ୍ତ କରିବେ। ସେ ପୂର୍ବାହ୍ନ ୧୦ଟାରେ ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ସ୍ୱତନ୍ତ୍ର ବିମାନ ଯୋଗେ ବାହାରି ଦିନ ୧୧ଟାରେ ରାଉରକେଲା ଏୟାରଷ୍ଟ୍ରିପ୍‌ରେ ପହଞ୍ଚିବେ। ପରେ ସେ ରାଉରକେଲା ଷ୍ଟିଲ ପ୍ଲାଣ୍ଟର ସୁପରସ୍ପେଶାଲିଟି ହସ୍ପିଟାଲ ଅଡିଟୋରିୟମରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗ ଦେବେ। ସେଠାରେ ମୁଖ୍ୟମନ୍ତ୍ରୀ ୩୮୦ କୋଟି ଟଙ୍କାର ପ୍ରକଳ୍ପର ଉଦ୍‌ଘାଟନ ଏବଂ ୨୧୦ କୋଟି ଟଙ୍କାର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହାସହିତ ସେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ କରିବେ। ରାଉରକେଲାରେ ମୁଖ୍ୟମନ୍ତ୍ରୀଙ୍କ ୫୫ ମିନିଟ୍‌ର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପୂର୍ବରୁ ପ୍ରାୟ ୧୭ ଜଣ ମନ୍ତ୍ରୀଙ୍କୁ ଜିଲାର ବିଭିନ୍ନ ବ୍ଲକ ଦାୟିତ୍ୱ ବଣ୍ଟାଯାଇଛି। ମୁଖ୍ୟମନ୍ତ୍ରୀ ରାଉରକେଲାରୁ ଫେରିବା ପରେ ମନ୍ତ୍ରୀମାନେ ବିଭିନ୍ନ ବ୍ଲକକୁ ଯାଇ ହେଲ୍‌ଥ କାର୍ଡ ବଣ୍ଟନ କରିବେ ବୋଲି ଜଣାପଡିଛି। ଏହି ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରୁ ସୁନ୍ଦରଗଡ ଜିଲାର ୪ଲକ୍ଷ ୩୬ ହଜାର ୯୪୮ ପରିବାରର ୧୫ ଲକ୍ଷ ୯ ହଜାର ୮୨୧ ଜଣ ସୁଫଳ ପାଇବେ ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

### ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ: କଲେଜ କର୍ତ୍ତୃପକ୍ଷ

ସମ୍ବଲପୁର,୧୩।୯(ବ୍ୟୁରୋ): ସମ୍ବଲପୁର ଉପକଣ୍ଠ ଦେବେଇପାଲିସ୍ଥିତ ନିଉଟନ କଲେଜ ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ ଦେଇଆସୁଛି। ଏହା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନରେ ସହାୟକ ହେଉଛି ବୋଲି କଲେଜ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଆହୁରି କୁହାଯାଇଛି, ଦୀର୍ଘ ୧୫ ବର୍ଷ ହେବ ପଠନ ଶୈଳୀ, ଶୈକ୍ଷିକ ବାତାବରଣ, ଅଧାପିକା ଅଧାପକଙ୍କ ଉନ୍ନତମାନର ଶିକ୍ଷାଦାନ ଯୋଗୁ କଲେଜ ରାଜ୍ୟରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ପ୍ରତିବର୍ଷ ଛାତ୍ରୀଛାତ୍ର ସଫଳତା ହାସଲ କରି ଆସୁଛନ୍ତି। ଏଠାରେ ଆଆଇଟି, ନିଟ, ନାଇଜର, ଆଇଜର, ଓୟୁଏଟି, ଜେଇଇ ଭଳି ପ୍ରବେଶିକା ପରୀକ୍ଷା ପାଇଁ ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତି କରାଯାଇଥାଏ। ମେଧାବୀ ତଥା ଆର୍ଥିକ ଅନଗ୍ରସର ଛାତ୍ରୀଛାତ୍ରଙ୍କୁ ମାଗଣାରେ ଶିକ୍ଷାଦାନ କରାଯିବା ବ୍ୟବସ୍ଥା ରହିଛି।

### ଆଦିବାସୀ ଅଧିକାର ଦିବସ

ସମ୍ବଲପୁର,୧୩।୯(ବ୍ୟୁରୋ): ସମ୍ବଲପୁର ମହାନଗର ନିଗମ କାଇଁଶିରଠାରେ ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ସୋମବାର ଅଦିବାସୀ ଅଧିକାର ଦିବସ ପାଳିତ ହୋଇଯାଇଛି। ସଂଘର ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଭୋଇ କହିଥିଲେ, ସମାଜର ଆଦିବାସୀମାନଙ୍କୁ ସେମାନଙ୍କ ହକ୍ ଓ ଅଧିକାର ମିଳିପାରୁନାହିଁ। ସମ୍ବିଧାନରେ ଉଲ୍ଲେଖ ଥିଲେ ମଧ ପ୍ରଶାସନ ସ୍ତରରେ ଅବହେଳା କରାଯାଉଛି। ଫଳରେ ଯୋଗ୍ୟ ଆଦିବାସୀ ପରିବାର ପାଖରେ ଲୋକାଭିମୁଖି ଯୋଜନା ପହଞ୍ଚ ପାରୁନାହିଁ। ନିଜ ହକ୍ ପାଇଁ ଆଦିବାସୀଙ୍କୁ ଏକଜୁଟ ହେବାକୁ ପଡିବ ବୋଲି ମତପ୍ରକାଶ ପାଇଥିଲା। ସଭାପତି ଉସମନ ମୁଣ୍ଡା, ସମ୍ପାଦକ ତରଣୀ ଖଡିଆ, ଅନିତା ଓରାମ, ବିଣାପାଣୀ ନାଏକ, ଯୁଧିଷ୍ଠିର ମାଝି, କରୁଣାକର କିସାନ, ରୋହିତ ଭୋଇ, ରାଜୁ ଖଡିଆ, ସୁରେଶ ଓରାମ ପ୍ରମୁଖ ଉପସ୍ଥିତ ଥିଲେ।

# ଚାଉଁରପୁରରେ ପୋଲିସ ଫାଣ୍ଡି ପ୍ରତିଷ୍ଠା ଦାବି

ସମ୍ବଲପୁର,୧୩।୯(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ୧ନଂ. ୱାର୍ଡ ଚାଉଁରପୁର ଛକରେ ଏକ ପୋଲିସ ଫାଣ୍ଡି ପ୍ରତିଷ୍ଠା ପାଇଁ ଅଞ୍ଚଳବାସୀ ସୋମବାର ଜିଲା ପ୍ରଶାସନ, ଡିଆଇଜି, ଏସ୍‌ପିଙ୍କୁ ଲିଖିତ ଭାବେ ଅନୁରୋଧ କରିଛନ୍ତି। ସେମାନେ ଦର୍ଶାଇଛନ୍ତି, ମହାନଦୀରେ ଦ୍ୱିତୀୟ ସେତୁ ନିର୍ମାଣ ହେବା ପରେ ଏହି ଅଞ୍ଚଳକୁ ଗମନାଗମନ ସୁବିଧା ହୋଇଛି। ହେଲେ ଅପରାଧିକ କାର୍ଯ୍ୟ ବୃଦ୍ଧି ପାଉଛି। ଏହାକୁ ନେଇ ଆଖପାଖ ଗ୍ରାମବାସୀ ଭୟଭୀତ ରହୁଛନ୍ତି। ଏହି ଛକ ଦେଇ ଘଣ୍ଟେଶ୍ୱରୀ ପୀଠକୁ ରାସ୍ତା ରହିଛି। ପ୍ରତିଦିନ ଦୁଇ ଚକିଆ ୪ ଚକିଆ ଗାଡିରେ ଭକ୍ତମାନେ ଯିବା ଆସିବା କରୁଛନ୍ତି। ବସନ୍ତପୁର ଅଞ୍ଚଳରେ ଆଇଆଇଏମ୍ ଦ୍ୱିତୀୟ କ୍ୟାମ୍ପସ, ସୈନିକ ସ୍କୁଲ, ପୋଲିସ ଟ୍ରେନିଂ ସେଣ୍ଟର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ ନିର୍ମାଣ କାମ ଆରମ୍ଭ ହୋଇଛି। ପ୍ରତିଦିନ କମ୍ପାନୀ କର୍ମଚାରୀ ଯିବାଆସିବା କରୁଛନ୍ତି। ଅନେକ ସ୍ଥାନରେ ରାସ୍ତା ନିଛାଟିଆ ରହୁଥିବାରୁ ଦୁର୍ବୃତ୍ତମାନେ ଏହାର ସୁଯୋଗ ନେଉଛନ୍ତି। ବଡ ଧରଣର ଘଟଣା ଘଟିବା ଭୟ ରହୁଥିବାରୁ ଏଠାରେ ପୋଲିସ ଫାଣ୍ଡି ପ୍ରତିଷ୍ଠା କରାଯାଉ ବୋଲି ଦାବି କରିଥିଲେ। ଫାଣ୍ଡି ହେବା ପର୍ଯ୍ୟନ୍ତ ପୋଲିସ ପାଟ୍ରୋଲିଂ କଡାକଡି କରିବାକୁ ଅନୁରୋଧ କରିଛନ୍ତି। ଆଦିତ୍ୟ ପ୍ରସାଦ ନାଏକ, ଆନନ୍ଦ ପୁରୋହିତ, ହିତେଶ ମାଝି, ଦେବେନ୍ଦ୍ର ମହାପାତ୍ର, ପ୍ରଶାନ୍ତ ସେଠ, ଶିବଶଙ୍କର ବଡେଇ, ସମୀର ମହାପାତ୍ର, ଭୋଲାନାଥ ପରିଡା, କିଶୋର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।


ସମ୍ବଲପୁର ପୋଲିସ ଡିଆଇଜି ଅଫିସ ସମ୍ମୁଖରେ ଚାଉଁରପୁରବାସୀ।

# ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ'ରେ ଆପତ୍ତିଜନକ ଦୃଶ୍ୟ

ସମ୍ବଲପୁର,୧୩।୯(ବ୍ୟୁରୋ)

ସମ୍ବଲପୁର ସମଲେଇ ମନ୍ଦିର ପରିସରରେ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ'ର ଉଦ୍‌ଘାଟନ କରିଥିଲେ। ପରେ ଏହା ପ୍ରଦର୍ଶନ କରାଯାଇଥିଲା। ବିଭିନ୍ନ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ମଧ୍ୟ ପ୍ରଚାର ହୋଇଥିଲା। ଏହି ଶୋରେ କେତେକ ଆପତ୍ତିଜନକ ଦୃଶ୍ୟ ରହିଥିବା ଅଭିଯୋଗ ହୋଇଛି। ବଜରଙ୍ଗ ଦଳ ଏହାର ପ୍ରତିବାଦ କରି ସୋମବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ସେମାନେ ଅଭିଯୋଗ କରିଥିଲେ, ଜଣେ ବାଦଶାହଙ୍କ (ବାବର) ଦରବାରରେ ରାଜା ପୋଷାକ ପିନ୍ଧି ବସିଥିବା ଓ ତା' ପଛରେ ଶାୟର ଅମୀର ଖୁସ୍ରୁଙ୍କ ଭଳି ଜଣେ ଦରବାରୀ ମୋଗଲ ଶାସନ ସମୟର ଗୋଲାକାର ପଗଡି ପିନ୍ଧିଥିବା ଦୃଶ୍ୟ ସମଗ୍ର ପଶ୍ଚିମ ଓଡ଼ିଶାର ଜନ ସାଧାରଣଙ୍କ ଧର୍ମୀୟ ଭାବନା ଉପରେ କୁଠାରଘାତ ସଦୃଶ। ଏହା ହିନ୍ଦୁ ଧର୍ମ ଭାବନାକୁ ଆଘାତ ଦେଇଛି। ଏହାକୁ ତୁରନ୍ତ ଏହି ଶୋରୁ ବାଦ୍ ଦିଆଯାଉ। ଏହା ଆରମ୍ଭ କରିବା ପୂର୍ବରୁ ପ୍ରଶାସନ ଓ ମନ୍ଦିର ଟ୍ରଷ୍ଟ ଏହାକୁ ଦେଖିବା ଉଚିତ ଥିଲା ବୋଲି ଦର୍ଶାଇଥିଲେ। ବଜରଙ୍ଗ ଦଳ ପ୍ରାନ୍ତ ସଂଯୋଜକ ସୁଧୀର ରଞ୍ଜନ ବହିଦାର, ପ୍ରଦୀପ କୁମାର ବହିଦାର, ରାଜିବ କୁମାର ଶତପଥି, ଆଦିତ୍ୟ ପୁରୋହିତ, ଆଶୁତୋଷ ବେହେରା, ପ୍ରଦୀପ ସୁପକାର ପ୍ରମୁଖ ଉପସ୍ଥିତ ଥିଲେ।

**ବଜରଙ୍ଗ ଦଳର ବିକ୍ଷୋଭ, ବାଦ୍ ଦେବାକୁ ଦାବି**


ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ବିଦ୍ୟୁତ୍ ବିଭ୍ରାଟ ନେଇ ଆନ୍ଦୋଳନ ଚେତାବନୀ

ଜମନକିରା,୧୩।୯(ଡି.ଏନ.ଏ.)

ଜମନକିରା ବ୍ଲକ୍ ବିଦ୍ୟୁତ୍ ସେକ୍ସନରେ ଦୁଇଦିନ ଧରି ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଛି। ଏହାର ସମାଧାନ ନ ହେଲେ ଲୋକେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ବ୍ଲକ ଅଞ୍ଚଳରେ ଗତ ୧୧ ତାରିଖରେ ନୂଆଁଖାଇ ଅବସରରେ ଲୋକେ ଦୂରଦୂରାନ୍ତରୁ ଆସି ଏକାଠି ହୋଇଥିଲେ। ଭୋର ୪ଟାରୁ ସ୍ନାନ ଶୌଚାଦି ସାରି ଇଷ୍ଟଦେବୀଙ୍କ ପୂଜା କର୍ମ ପାଇଁ ପ୍ରସ୍ତୁତି ହେଉଥିବାବେଳେ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯାଇଥିଲା। ଏଥିଯୋଗୁ ମୋଟର ନ ଚାଲିବାରୁ ଲୋକେ ପିଇବା ପାଣି ପାଇ ପାରି ନ ଥିଲେ। ଇଷ୍ଟଦେବୀଙ୍କ ପାଖରେ ନବାନ୍ନ ଭୋଗ ଲାଗି ପାଇଁ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ ହୋଇଥିବା ବେଳେ ବିଦ୍ୟୁତ୍ ସମସ୍ୟା ଯୋଗୁ ଠିକ୍ ସମୟରେ ଭୋଗଲାଗି ହୋଇ ନ ପାରିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଥିଲା। ପରେ ବହୁ ବିଳମ୍ବରେ ପ୍ରାୟ ୧୧ଟା ସମୟରେ ବିଦ୍ୟୁତ୍ ଯୋଗାଣ ହୋଇଥିଲା। ହେଲେ ମଝିରେ ମଝିରେ ବିଭ୍ରାଟ ଦେଖାଦେଇଥିଲା। ଏହି ସମସ୍ୟା ୧୩ ତାରିଖ ସକାଳ ସାଢ଼େ ୫ ପର୍ଯ୍ୟନ୍ତ ଲାଗି ରହିଥିଲା। ସୂଚନାଯୋଗ୍ୟ ଗତ ଜୁନ ୧୪ରେ ସମାନ ସମସ୍ୟା ଯୋଗୁ ଲୋକେ ଜମନକିରା ଗ୍ରୀଡ୍‌କୁ ଘେରାଉ କରିଥିଲେ। ସହକାରୀ ଯନ୍ତ୍ରୀ ତନୁରାମ ବେହେରା ଲୋକଙ୍କୁ ବୁଝାସୁଝା କରି କନିଷ୍ଠଯନ୍ତ୍ରୀ ଜମନକିରାରେ ଅବସ୍ଥାନ କରିବା ସହ ବିଦ୍ୟୁତ୍ ସମସ୍ୟା ସମାଧାନ ହେବ ବୋଲି ଲିଖିତ ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ମାତ୍ର ୩ମାସ ପରେ ମଧ କନିଷ୍ଠଯନ୍ତ୍ରୀ ଏଠାରେ ଅବସ୍ଥାନ କରି ନ ଥିବାବେଳେ ପୂର୍ବଭଳି ବିଦ୍ୟୁତ୍ ସମସ୍ୟା ଲାଗିରହିଛି। ଆସନ୍ତା ୧ ସପ୍ତାହ ମଧ୍ୟରେ ଏହାର ପ୍ରତିକାର କରା ନ ଗଲେ ପୁଣିଥରେ ଆନ୍ଦୋଳନ ହେବ ବୋଲି ଲୋକେ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ ସହକାରୀ ଯନ୍ତ୍ରୀ ବେହେରାଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର କନିଷ୍ଠଯନ୍ତ୍ରୀ ଜମନକିରାରେ ରହିବେ ଏବଂ ବିଦ୍ୟୁତ୍ ସମସ୍ୟାର ପ୍ରତିକାର କରାଯିବ ବୋଲି କହିଥିଲେ।

# ହୀରାକୁଦରେ ଜଳସ୍ତର ସାମାନ୍ୟ ବୃଦ୍ଧି

ସମ୍ବଲପୁର,୧୩।୯(ବ୍ୟୁରୋ)

ସମ୍ବଲପୁର ଜିଲାରେ ୨ଦିନ ହେଲା ଲଘୁଚାପଜନିତ ଲଗାଣ ବର୍ଷା ଲାଗି ରହିଛି। ଏଥିଯୋଗୁ ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ସାମାନ୍ୟ ବୃଦ୍ଧି ପାଇଛି। ମିଳିଥିବା ରିପୋର୍ଟ ଅନୁସାରେ ଜଳଭଣ୍ଡାରର ଜଳସ୍ତର ୬୨୫.୧୦ ଫୁଟ୍ ରହିଛି। ଡ୍ୟାମକୁ ୧ ଲକ୍ଷ ୬୭ ହଜାର ୮୮୦ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ୨୧ ହଜାର ୫୦୨ କ୍ୟୁସେକ ନିଷ୍କାସନ ହେଉଛି। ଉପର ମୁଣ୍ଡରେ ବର୍ଷା ପରିମାଣ କମ୍ ରହିଛି। ତେଣୁ ଜଳଭଣ୍ଡାରକୁ ଜଳ ପ୍ରବେଶ ପରିମାଣ ସ୍ୱାଭାବିକ ରହିଛି। ଆଗକୁ ବର୍ଷା ଲାଗିରହିଲେ ଜିଲାରେ ସମସ୍ୟା ହେବା ଆଶଙ୍କା ରହିଛି। ଏଥିପାଇଁ ପ୍ରଶାସନ ପ୍ରସ୍ତୁତ ଥିବା ଜଣାପଡିଛି। ଏସ୍‌ଏମ୍‌ସି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଶୁଭଙ୍କର ମହାନ୍ତି କହିଛନ୍ତି, ସମ୍ବଲପୁର ପାଇଁ ସେମିତି ନିର୍ଦ୍ଦେଶ ଆସି ନାହିଁ। ତଥାପି ଆମେ ପ୍ରସ୍ତୁତ ରହିଛୁ। ବିଭିନ୍ନ ପଡାର ନାଳ ସଫେଇ କରାଯାଉଛି। ଡ୍ରେନ ପାଣି ଯେଭଳି ବ୍ଲକ ନ ହେବ ସେ ନେଇ ତଦାରଖ କରାଯାଉଛି। ଏଥିପାଇଁ ଟିମ୍ ଗଠନ କରାଯାଉଛି। ପ୍ରତି ୱାର୍ଡ ସହିତ ତଳି ଅଞ୍ଚଳ ଉପରେ ଫୋକସ୍ କରାଯାଉଛି। ଏବେ ପରିସ୍ଥିତି ସ୍ୱାଭାବିକ ରହିଛି। ଜରୁରିକାଳୀନ ସେବା ପାଇଁ ସବୁ କ୍ଷେତ୍ରରେ ପ୍ରଶାସନ ପ୍ରସ୍ତୁତ ରହିଛି ବୋଲି ସେ କହିଥିଲେ।

**ପ୍ରଶାସନ ପ୍ରସ୍ତୁତ**

# ପୁଣି ଜଣେ ଅଭିଯୁକ୍ତ ଗିରଫ

**ଯୁବକଙ୍କୁ ଗୁଳିମାଡ଼ ଘଟଣା**

ରାଉରକେଲା ଅଫିସ,୧୩।୯

ଗତ ୧୦ ତାରିଖରେ ରାଉରକେଲା ରେଲୱେ କଲୋନୀ ରିମ୍‌ଝିମ୍ ବସ୍ତିରେ ଘଟିଥିବା ଗୁଳିକାଣ୍ଡ ଘଟଣାରେ ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ନାଳା ରୋଡ୍ ଅଞ୍ଚଳ ଆଜାଦ ମହଲର ଫକୁନି ଓରଫ ଏମ୍‌ଡ଼ି ସେହବାଜ(୨୩)। ପୋଲିସ ସେହବାଜଙ୍କଠାରୁ ଏକ ପିସ୍ତଲ ଓ ଛେଳିକଟା ଛୁରି ଜବତ କରିଛି। ଗିରଫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ବହୁ ଅପରାଧ ମାମଲା ରହିଥିବା ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଏସ୍‌ପି ଭାମୁ କହିଥିଲେ, ଜିତେନ୍ଦ୍ର ଓ ଓରଫ ଗୋରେ ସାହା ରେଲୱେ କଲୋନୀ ରିମଝିମ ବସ୍ତିରେ ସପରିବାର ବାସ କରନ୍ତି। ୨୦୨୦ ଜାନୁୟାରୀ ୭ରେ ଗୋରେ ତାଙ୍କର କିଛି ସହଯୋଗୀଙ୍କ ସହ ମିଶି ନାଳାରୋଡ୍ ଅଞ୍ଚଳର ଦିଲୁ ଖାନଙ୍କୁ ରେଲୱେ କଲୋନୀ ସ୍ଥିତ ବଡ଼ପାର୍କକୁ ଡାକିଥିଲେ ଏବଂ ବ୍ୟବସାୟକୁ ନେଇ ଯୁକ୍ତିତର୍କ ହେବାରୁ ତାଙ୍କୁ ହତ୍ୟା କରିଥିଲେ। ଏହି ଘଟଣାରେ ପୋଲିସ ଗୋରେ ଓ ତାଙ୍କ ସମସ୍ତ ସହଯୋଗୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଗୋରେ ଜେଲ୍‌ରେ ବର୍ଷେ ରହିବା ପରେ ଗତ ମାର୍ଚ୍ଚରେ ଜାମିନରେ ଆସିଥିଲେ। ଏହି ଘଟଣାକୁ କେନ୍ଦ୍ର କରି ଗତ ଶୁକ୍ରବାର ସନ୍ଧ୍ୟାରେ ୫ଜଣ ଯୁବକ ଗୋରେଙ୍କୁ ଘରୁ ଡାକି ନେଇଥିଲେ। ସେମାନେ ଘରର ଅଳ୍ପଦୂରରେ ତାଙ୍କୁ ୪ ରାଉଣ୍ଡ ଗୁଳି ମାରିବା ସହ ଧାରୁଆ ଅସ୍ତ୍ରରେ ମୁଣ୍ଡ ଓ ହାତକୁ ହାଣିଥିଲେ। ଏହା ଦେଖି ତାଙ୍କ ମାଉସୀ ଲକ୍ଷ୍ମୀ ସା ପ୍ରତିରୋଧ କରିବାରୁ ତାଙ୍କୁ ମଧ୍ୟ ଦୁର୍ବୃତ୍ତମାନେ ଗୁଳିମାଡ଼ କରିଥିଲେ। ରିମଝିମ ବସ୍ତିର ଲୋକେ ଘଟଣାସ୍ଥଳକୁ ଆସିଯିବାରୁ ଦୁର୍ବୃତ୍ତମାନେ ମାଲଗୋଦାମ ରେଳ ଫାଟକ ଆଡ଼େ ପଳାଇଥିଲେ। ଗୋରେ ଓ ତାଙ୍କ ମାଉସୀ ଲକ୍ଷ୍ମୀଙ୍କୁ ଗୁରୁତର ଅବସ୍ଥାରେ ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲ(ଆଇଜିଏଚ୍)ରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ମଧ୍ୟ ରାତ୍ରିରେ ଗୋରେଙ୍କ ମୃତ୍ୟୁ ହୋଇଥିଲା। ତେବେ ମୃତ୍ୟୁ ପୂର୍ବରୁ ଗୋରେ ଗୁଳିକାଣ୍ଡରେ ସମ୍ପୃକ୍ତ ୫ ଅଭିଯୁକ୍ତଙ୍କ ନାମ ପ୍ରକାଶ କରିଥିଲେ। ସେମାନଙ୍କ ମଧ୍ୟରୁ ପୋଲିସ ପ୍ରଥମେ ହାସନପୁର ଅଞ୍ଚଳର ଅମୀର ଖାନ(୨୯)ଙ୍କୁ ଗିରଫ କରିଥିବାବେଳେ ସୋମବାର ଆଉ ଜଣଙ୍କୁ ଗିରଫ କରିଛି। ଅନ୍ୟ ଫେରାର ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ରାଉରକେଲା ଏସ୍‌ପି ଭାମୁ କହିଛନ୍ତି।


No.A-446

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER,**
**MAYURBHANJ IRRIGATION DIVISION, BARIPADA**
e-mail: exen.mid@gmail.com FAX/TEL: 06792-295472

**"E" PROCUREMENT NOTICE NO. 02MBJ/2021-22.**

| | | |
|---|---|---|
| 1. Name of works | : | Bank protection works, canal and road works as mentioned in the website. |
| 2. Total no. of works | : | 10 (Ten) nos. of work. |
| 3. Estimated cost | : | Varies from 7.96 lakhs to 32.70 lakhs |
| 4. Class of Contractor | : | 'D' & 'C' and 'C' & 'B' |
| 5. Period of completion | : | As mentioned against work. |
| 6. Other details as follows : | | |
| (i) Procurement Officer | : | Superintending Engineer, Mayurbhanj Irrigation Division, Baripada |
| (ii) Availability of Tender online for bidding | : | **15.09.2021 from 10.00 Hours to 29.09.2021 up to 17.00 Hours.** |
| (iii) Date, time and place of opening of Bid. | : | **On 30.09.2021 at 11.00 Hours** in the O/o the Superintending Engineer, Mayurbhanj Irrigation Division, Baripada |
| (iv) Date of Transparent Lottery to be conducted (if required) | : | **On dt. 05.10.2021 at 11.00 AM.** |
| 7. Further details can be seen from the 'e' Procurement Portal http://tendersorissa.gov.in | | |

**Sd./- Superintending Engineer,**
**Mayurbhanj Irrigation Division, Baripada**
OIPR-32158/11/0006/2122


# ପୁରୁଣାବସ୍ତି ରାସ୍ତାରେ ଲହଡ଼ି ଭାଙ୍ଗୁଛି ନର୍ଦ୍ଦମା ପାଣି

ଝାରସୁଗୁଡ଼ା ଅଫିସ,୧୩।୯

ନୂତନ ଝାରସୁଗୁଡ଼ା ନିର୍ମାଣ ପାଇଁ ସ୍ଥାନୀୟ ନେତାମାନେ ବିଭିନ୍ନ କାର୍ଯ୍ୟକ୍ରମରେ ଡିଣ୍ଡିମ ପିଟୁଛନ୍ତି। ଏହି ସହରକୁ ରାଜ୍ୟର ପ୍ରମୁଖ ସହର ଭାବେ ଗଢିତୋଳିବା ପାଇଁ ସେମାନେ କୁଆଡେ ପ୍ରୟାସ କରୁଥିବା କହୁଛନ୍ତି। ହେଲେ ସହରର ପ୍ରାଥମିକ ସେବା ପରିମଳ ବ୍ୟବସ୍ଥାରେ ସେମିତି କିଛି ବିକାଶ ହୋଇନାହିଁ। ଏ ନେଇ ଜିଲାବାସୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଥିବାବେଳେ ଏବେ ସହରର ବିଭିନ୍ନ ସ୍ଥାନରେ ଲଘୁଚାପ ଜନିତ ବର୍ଷା ଯୋଗୁ ଜଳ ଡ୍ରେନ୍‌ରେ ନିଷ୍କାସନ ହୋଇ ନ ପାରି ରାସ୍ତାରେ ଲହଡି ଭାଙ୍ଗୁଛି। ଫଳରେ ଲୋକେ ଘରେ ଏକପ୍ରକାର ବନ୍ଦିହୋଇ ରହିଛନ୍ତି। ପୌର ପରିଷଦର ପୁରୁଣାବସ୍ତି ୧୫,୧୬ ଓ ୧୭ନଂ ୱାର୍ଡରେ ଏଭଳି ସ୍ଥିତି ଦେଖାଦେଇଛି।

ଏସବୁ ୱାର୍ଡରେ ଥିବା ଡ୍ରେନ୍‌ରେ ବର୍ଷାଜଳ ଠିକ୍‌ରେ ନିଷ୍କାସନ ହୋଇପାରୁ ନ ଥିବାରୁ ରାସ୍ତା ଉପରେ ଜମାହୋଇ ରହିଛି। ଆଣ୍ଠୁଏ ପାଣିରେ ଲୋକେ ଯାତାୟାତ କରୁଛନ୍ତି। ଏହିସବୁ ୱାର୍ଡରେ ପୌର ପରିଷଦ ତରଫରୁ ପ୍ରତିଘରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦେବାପାଇଁ ପ୍ରୟାସ ଆରମ୍ଭ ହୋଇଛି। ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ପାଇପ୍ ବିଛାଇବା ପାଇଁ ରାସ୍ତା ଖୋଳାଯାଇ ଦୀର୍ଘମାସ ହେଲାଣି ଅଧାପନ୍ତରିଆ ହୋଇ ପଡିରହିଛି। ବର୍ଷାଜଳ ନିଷ୍କାସନ ହେବାରେ ଏହା ବାଧକ ସୃଷ୍ଟି କରୁଛି। ଏହି ୩ ୱାର୍ଡରେ ୧୫ହଜାରରୁ ଊର୍ଦ୍ଧ୍ୱ ଲୋକ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ବସବାସ କରୁଛନ୍ତି। ପୌର ପରିଷଦ ତରଫରୁ ଏହାର ପ୍ରତିକାର କରିବା ପାଇଁ ୱାର୍ଡବାସୀ ଦାବି କରିଛନ୍ତି। ଏ ନେଇ ପୌର ପରିଷଦ ନିର୍ବାହୀ ଅଧିକାରୀ ଯୋଗେନ୍ଦ୍ର ମାଝି କହିଛନ୍ତି, ଯଦି ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି, ତାହାଲେ ତୁରନ୍ତ ପଦକ୍ଷେପ ଗ୍ରହଣ କରି ଏହାର ସମାଧାନ କରାଯିବ।


ପୁରୁଣାବସ୍ତି ରାସ୍ତାରେ ଜମିଥିବା ପାଣିରେ ଲୋକେ ଯାତାୟାତ କରୁଛନ୍ତି।


**ସୋନପୁର ପୌର ପରିଷଦ କାର୍ଯ୍ୟାଳୟ, ସୁବର୍ଣ୍ଣପୁର**

ପତ୍ର ସଂଖ୍ୟା: ୪୮୨୪ ତା: ୦୯।୦୯।୨୦୨୧

**No. C-947:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ୱାର୍ଡ ନଂ. ୦୮ରେ ଥିବା ଉପ-ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ କୋଠା), ଉପ-ବିଭାଜନ, ସୋନପୁର କାର୍ଯ୍ୟାଳୟ ନିକଟ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପାର୍ଶ୍ୱ ଭେଣ୍ଡିଙ୍ଗ ଜୋନରୁ ୫ ଗୋଟି (କ୍ରମିକ ନମ୍ବର ୧ରୁ ୫) ଦୋକାନ ଗୃହଗୁଡ଼ିକ ଲଟେରୀ ଦ୍ୱାରା ଆବଣ୍ଟନ କରାଯିବ। ଆଗ୍ରହୀ ବ୍ୟକ୍ତିମାନେ ସୋନପୁର ପୌର ପରିଷଦ କାର୍ଯ୍ୟାଳୟରୁ ଟ.୨୦୦/- ମୂଲ୍ୟ ଦେଇ ଆବଶ୍ୟକ ଫର୍ମ କ୍ରୟ କରିପାରିବେ। ଏହା ସହିତ ଧାର୍ଯ୍ୟ ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ Executive Officer, Sonepur Municipalityଙ୍କ ନାମରେ ଜମା ଦେବେ। ତା୨୨।୦୯।୨୦୨୧ ଦିବା ୧୧.୦୦ଟା ସୁଦ୍ଧା ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ନିଜର ସମ୍ପୂର୍ଣ୍ଣ ବିବରଣୀ, ଫର୍ମ କ୍ରୟ ରସିଦ ଓ ଅମାନତ ରାଶି ଡ୍ରାଫ୍ଟ ସହିତ କାର୍ଯ୍ୟାଳୟ ଟେଣ୍ଡର ବାକ୍ସରେ ଦାଖଲ କରିବେ। ତା୨୨।୦୯।୨୦୧୧ ଅପରାହ୍ନ ୧୨.୦୦ ଘଣ୍ଟା ସମୟରେ ପୌର ପରିଷଦ କାର୍ଯ୍ୟାଳୟରେ ଟେଣ୍ଡର ବାକ୍ସକୁ ଖୋଲାଯିବ ଏବଂ ସମସ୍ତ ଆବେଦନକୁ ଚୟନ କମିଟିକୁ ପରବର୍ତ୍ତୀ ପ୍ରକ୍ରିୟା ନିମନ୍ତେ ହସ୍ତାନ୍ତରଣ କରାଯିବ। ଏହାର ନିର୍ଦ୍ଧାରିତ ମୂଲ୍ୟ, ଅମାନତ ରାଶି ଓ ମାସିକ ଭଡ଼ାର ବିବରଣୀ ତଥା ବଣ୍ଟନ ସର୍ତ୍ତାବଳୀ ନିମ୍ନରେ ପ୍ରଦାନ କରାଗଲା।

| କ୍ରମିକ ନଂ. | ଭେଣ୍ଡିଙ୍ଗ ଜୋନର ଅବସ୍ଥିତି | ଦୋକାନ ଗୃହର ଆକାର | ଅମାନତ ରାଶି | ଦୋକାନ ଗୃହର ମାସିକ ଭଡ଼ା |
|---|---|---|---|---|
| ୧ | ଉପ-ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ କୋଠା), ଉପ-ବିଭାଜନ, ସୋନପୁର କାର୍ଯ୍ୟାଳୟ ନିକଟ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପାର୍ଶ୍ୱ ଭେଣ୍ଡିଙ୍ଗ ଜୋନ, ୱାର୍ଡ ନଂ.୮ | ୭'x୬' ଷ୍ଟଲ ନଂ.୧ରୁ ୫ (୫ ଗୋଟି) | ଟ.୧୦୦୦୦ | ଟ.୫୦୦ |

**ସର୍ତ୍ତାବଳୀ**

୧. ପୂର୍ବ ବର୍ଷର ବକେୟା ଥିବା କିମ୍ବା କଳା ତାଲିକାଭୁକ୍ତ ବ୍ୟକ୍ତି ଏଥିରେ ଅଂଶଗ୍ରହଣ କରିପାରିବେ ନାହିଁ।
୨. ଏଥିରେ ଭାଗ ନେବା ବ୍ୟକ୍ତି ସୋନପୁର ପୌର ପରିଷଦ ଅଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବେ।
୩. ଗୋଟିଏ ପରିବାରର କେବଳ ଜଣେ ମାତ୍ର ବ୍ୟକ୍ତି ଆବେଦନ କରିପାରିବେ।
୪. ଯେଉଁ ବ୍ୟକ୍ତିମାନେ Street Vendor ହିସାବରେ ସୋନପୁର ପୌର ପରିଷଦରେ ତାଲିକାଭୁକ୍ତ ଥିବେ କିମ୍ବା ପୌର ପରିଷଦରୁ Letter of recommendation (LOR) ପ୍ରାପ୍ତ ହୋଇଥିବେ ଏବଂ କୌଣସି ସ୍ଥାୟୀ ଦୋକାନ କରି ନ ଥିବେ କେବଳ ସେହି ବ୍ୟକ୍ତିବିଶେଷମାନେ ଆବେଦନ କରିପାରିବେ।
୫. ସମସ୍ତ ଦରଖାସ୍ତକୁ ଏକ କମିଟି ଦ୍ୱାରା ଯାଞ୍ଚ କରାଯିବ ଏବଂ ଯୋଗ୍ୟ ବିବେଚିତ ଆବେଦନକାରୀଙ୍କ ମଧରେ ଲଟେରୀ ଦ୍ୱାରା ଚୟନ କରାଯିବ।
୬. ଯେଉଁ ବ୍ୟକ୍ତିମାନେ ପୂର୍ବରୁ ଥିବା ପୌର ପରିଷଦ ଦୋକାନଗୃହ ପାଇଥିବେ ତାଙ୍କ ଆବେଦନକୁ ବିଚାରକୁ ନିଆଯିବ ନାହିଁ।
୭. ଗଠନ ହୋଇଥିବା ଚୟନ କମିଟି ଦୋକାନ ଆବଣ୍ଟନ ବାବଦରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିପାରିବେ।

OIPR-13098/11/0004/2122
ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ, ସୋନପୁର ପୌର ପରିଷଦ

## ମୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ

ଅମରପାଲି (ଡି.ଏନ.ଏ.): ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀରେ ଚଳିତ ବର୍ଷ ହେବାକୁ ଥିବା ୩୯ତମ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟି ସଭାପତି ଲବକୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ତ୍ରୟଞ୍ଜିବ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପୂଜା କମିଟି ସଦସ୍ୟ ମନୋଜ ନାଏକ, ସତ୍ୟବ୍ରତ ଦ୍ୱାରୀ, ଦିଲୀପ କୁମାର ମିଶ୍ର, ଆଦିତ୍ୟ ସାହୁ, ଲୋକନାଥ ସାହୁ, ସନତ ଭୁଲ୍ଲା ଯୋଗଦେଇ ଗଜଲକ୍ଷ୍ମୀ ପୂଜା ଆୟୋଜନ ଉପରେ ଆଲୋଚନା କରିଥିଲେ। ଅକ୍ଟୋବର ୨୦ରେ କଳସ ଯାତ୍ରା, ୨୧ରେ ପୂଜାରମ୍ଭ ଓ ୨୪ତାରିଖରେ ଭଷାଣି କରାଯିବ। ବିଦ୍ୟାଧର ଖୁଁଡିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ମହିଳାଙ୍କ ଗଳିତ ମୃତଦେହ ଜବତ

ବଘିଆପଡା, ୧୩।୯(ଡି.ଏନ.ଏ.): ବୌଦ୍ଧ ଜିଲା ବଘିଆପଡା ଫାଣ୍ଡି ଅନ୍ତର୍ଗତ ବ୍ରାହ୍ମଣୀପାଲି ପଞ୍ଚାୟତ ବ୍ରାହ୍ମଣୀପାଲି ଜଙ୍ଗଲରୁ ଜଣେ ମହିଳାଙ୍କ ଗଳିତ ମୃତଦେହ ପୋଲିସ ସୋମବାର ଉଦ୍ଧାର କରିଛି। ମୃତକ ହେଲେ ବ୍ରାହ୍ମଣୀପାଲି ଗ୍ରାମର ଲକ୍ଷ୍ମୀ ପ୍ରଧାନ (୨୮)। ପ୍ରକାଶ ଯେ, ଗତ ୫ ତାରିଖରେ କୌଣସି କାରଣରୁ ଲକ୍ଷ୍ମୀ ଓ ତାଙ୍କ ସ୍ୱାମୀ ଅଭିମନ୍ୟୁ ପ୍ରଧାନଙ୍କ ମଧରେ ପାଟିତୁଣ୍ଡ ଲାଗିଥିଲା। ଏଥିରେ ରାଗି ଯାଇ ଲକ୍ଷ୍ମୀ ଘର ଛାଡି ପଳାଇ ଯାଇଥିଲେ। ଅଭିମନ୍ୟୁ ଖୋଜାଖୋଜି କରି ତାଙ୍କ ସନ୍ଧାନ ପାଇ ନ ଥିଲେ। ପରେ ବନ୍ଧୁବାନ୍ଧବ ଘର ସହ ନିଜ ଶଶୁର ଘର ବିନିକାର ଚୁଲଣ୍ଡପାଲି ଯାଇ ଘଟଣା ସମ୍ପର୍କରେ ଅବଗତ କରାଇ ମିଳିମିଶି ଖୋଜାଖୋଜି କରିଥିଲେ। କୌଣସି ସନ୍ଧାନ ନ ମିଳିବାରୁ ଶେଷରେ ୧୦ ତାରିଖରେ ବଘିଆପଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ଜଙ୍ଗଲରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଆଖପାଖ ଗ୍ରାମର ଲୋକେ ଦେଖି ରବିବାର ସନ୍ଧ୍ୟାରେ ବଘିଆପଡା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ପରେ ବ୍ୟବଚ୍ଛେଦ ପାଇଁ ବୁର୍ଲା ମେଡିକାଲ ପଠାଯାଇଥିବା ବଘିଆପଡା ଫାଣ୍ଡି ଅଧିକାରୀ ତପନ ସ୍ୱାଇଁ କହିଛନ୍ତି।

### ମୃତଦେହ ମିଳିଲା, ହତ୍ୟା ସନ୍ଦେହ

ବରଗଡ଼ ଅଫିସ୍, ୧୩।୯: ବରଗଡ଼ ସହର ଉପକଣ୍ଠ ଜମୁର୍ଡ଼ା ରାସ୍ତାର ପାଣିଛତର ସ୍ଥିତ ଏକ ଠେଲାରୁ ସୋମବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ପାଣିଛତର ନିବାସୀ ବଜରଙ୍ଗୀ ଓରଫ ମହାବୀର ହିଆଲ(୨୦)। ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀଙ୍କୁ ପଚାରିବାରୁ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହିତ ମୃତଦେହ ବ୍ୟବଚ୍ଛେଦ କରି ତଦନ୍ତ ଚାଲିଥିବା କହିଥିଲେ। ପ୍ରକାଶ ଯେ, ବଜରଙ୍ଗୀ ରବିବାର ରାତ୍ରିରୁ ଘରୁ ବାହାରକୁ ଯାଇ ଆଉ ଫେରି ନ ଥିଲେ। ସୋମବାର ସକାଳେ ପାଣିଛତର-ଜମୁର୍ଡ଼ା ରାସ୍ତାକଡରେ ରହିଥିବା ଏକ ଠେଲାରେ ତାଙ୍କ ମୃତଦେହ ରହିଥିବା ଦେଖିବାକୁ ମିଳିଥିଲା। ମୃତକଙ୍କ ଗଳାରେ ଏକ ଗାମୁଛା ବନ୍ଧା ଯାଇଥିବା ପରିଲକ୍ଷିତ ହୋଇଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ ହତ୍ୟା ପରେ ଆତ୍ମହତ୍ୟା ରୂପ ଦେବାର ପ୍ରୟାସ କରାଯାଇଥିବା ଅନୁମାନ କରାଯାଉଛି।

### ଘର ଭାଙ୍ଗି ଫସଲ ନଷ୍ଟ କଲା ହାତୀ

ପାଇକମାଲ, ୧୩।୯ ( ଡି.ଏନ .ଏ.): ବରଗଡ ଜିଲା ପାଇକମାଲ ବ୍ଲକ ଭେଙ୍ଗରାଜପୁର ପଞ୍ଚାୟତ ଲେରଗାଁ ଛତରବେହେରା ଗ୍ରାମରେ ରବିବାର ରାତିରେ ବଣୁଆ ହାତୀ ପଶିଥିଲେ। ହାତୀ ରାତିରେ ଗ୍ରାମକୁ ଆସି ବୈଶାଖୁ ମଲ୍ଲିକ, ଶ୍ୟାମସୁନ୍ଦର କୁରେସିୟା ନିରଞ୍ଜନ ସେଠ, ସୁନ୍ଦରମଣି କୁରେସିୟାଙ୍କ ଘର ଭାଙ୍ଗିବା ସହ ବାଡିରେ ହୋଇଥିବା ଚାଷ ଦଳିଚକଟି ନଷ୍ଟ କରିପକାଇଛନ୍ତି। ଲୋକମାନେ ଘର ଭିତରେ ଓ କିଛି ଲୋକ ଘରଛାଡି ପକ୍କା ଘରକୁ ପଳାଇ ଯାଇଥିବାରୁ କୌଣସି ଲୋକଙ୍କ କ୍ଷତି ହୋଇନାହିଁ।

### ରେଳ ଧାରଣାରୁ ମିଳିଲା ଯୁବକଙ୍କ ମୃତଦେହ

ନୂଆପଡା ଅଫିସ, ୧୩।୯ : ନୂଆପଡା ଜିଲା ଲଖନା ଥାନା ମୁରଲିବାହାଲି ରେଲୱେ ଲେବଲ କ୍ରସିଂ ନିକଟରେ ସୋମବାର ଟ୍ରେନରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୋମନା ଥାନା କାଣ୍ଡେତରା ଗାଁର ପୁସ୍ତମ ସତନାମୀ (୨୮)। ସକାଳେ ଲେବଲ କ୍ରସିଂ ନିକଟ ରେଳଧାରଣାରେ ଜଣେ ଯୁବକଙ୍କ ମୁଣ୍ଡ ଗଣ୍ଡି ଅଲଗା ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। କଣ୍ଟାବାଞ୍ଜି ରେଲୱେ ପୋଲିସ ମୃତଦେହ ଜବତ କରି ବ୍ୟବଛେଦ ପାଇଁ ପଠାଇଛି। ପୁସ୍ତମ ଆତ୍ମହତ୍ୟା କରିଛନ୍ତି ନା କିଏ ହତ୍ୟା କରି ତାଙ୍କ ମୃତଦେହ ରେଳ ଧାରଣାରେ ଫିଙ୍ଗି ଦେଇଛି ତାହା ସ୍ପଷ୍ଟ ହୋଇ ନାହିଁ। ବିଭିନ୍ନ ଦିଗକୁ ନେଇ ରେଲୱେ ପୋଲିସ ତଦନ୍ତ ଆରମ୍ଭ କରିଛି।

### ସମ୍ପନ୍ନ ହେଲା ନାଗବାଚା ଯାତ୍ରା

ଦେଓଗାଁ, ୧୩।୯(ଡି.ଏନ.ଏ): ଦେଓଗାଁ ବ୍ଲକ ବରକାନୀ ଆମପାଲିପଡାରେ ମହାକାଳ ନାଗବାଚା ପାର୍ଟିତରଫରୁ ସୋମବାର ନାଗବାଚା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନାଗବାଚା ପାର୍ଟିର ସଦସ୍ୟମାନେ ସକାଳୁ ଉପବାସ ରହି ଭଗବାନ ଶିବଙ୍କ ଉପାସନା କରିଥିଲେ। ପରେ ବରୁଆ ଶରୀରରେ ଦେବତା ପ୍ରବେଶ କରିବା ପରେ ପାରମ୍ପରିକ ବାଦ୍ୟର ନୃତ୍ୟ କରି ମାନସୀକଧାରୀଙ୍କୁ ଶୁଭାଶୀର୍ବାଦ ପ୍ରଦାନ କରିଥିଲେ। ଟେକାମନ ବଡ଼ିଆ ଦେହେରୀ ଦାୟିତ୍ୱ ତୁଲାଇଥିଲେ। ଉମେଶ ମେହେର, କୃଷ୍ଣ ମେହେର ସହଯୋଗ କରିଥିଲେ।

# ପଶ୍ଚିମରେ ବର୍ଷା ବିପ୍ଳବ

## ଘୁଙ୍ଗିନାଳ ପୋଲ ଉପରେ ୫ଫୁଟର ପାଣି

- ବୀରମହାରାଜପୁର ଅଞ୍ଚଳରେ ଲଘୁଚାପ ବର୍ଷା
- ବୀରମହାରାଜପୁର-ଅମରପାଲି ଯୋଗାଯୋଗ ବିଚ୍ଛିନ୍ନ
- ଅନେକ ସ୍ଥାନରେ ଭାଙ୍ଗିଲା ମାଟି ଘର

ଅମରପାଲି, ୧୩।୯(ଡି.ଏନ.ଏ.)



ଘୁଙ୍ଗିନାଳ ପୋଲ ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡରେ ରବିବାରଠାରୁ ଲଘୁଚାପ ବର୍ଷା ଆରମ୍ଭ ହୋଇଛି। ସୋମବାର ରାତିରୁ ବର୍ଷାର ମାତ୍ରା ବଢ଼ିଛି। ତୁହାକୁ ତୁହା ବର୍ଷା ଲାଗି ରହିଥିବାରୁ ଚାଷି ଆଶ୍ୱସ୍ତି ଲାଭ କରିଛି। ରାଜ୍ୟ ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୁଚନା ଅନୁସାରେ ସୋମବାର ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକରେ ସର୍ବାଧିକ ୨୦୦ମି.ମି ବର୍ଷା ରେକର୍ଡ ହୋଇଛଇ। ଉଲୁଣ୍ଡା ବ୍ଲକରେ ୧୫୩.୪ ମି.ମି, ସୋନପୁର ବ୍ଲକରେ ୧୩୦ମି.ମି, ବିନିକାରେ ୪୫.୨ମି.ମି, ତରଭାରେ ୬୧ମି.ମି ଓ ଡୁଙ୍ଗୁରିପାଲି ବ୍ଲକରେ ୩୬ ମିମି ବର୍ଷା ହୋଇଥିବା ରେକର୍ଡ ହୋଇଛି। ଲଗାଣ ବର୍ଷା ଯୋଗୁଁ ଅଞ୍ଚଳର ଚାଷ ଜମିରେ ପାଣି ଲାଗିଛି। ରବିବାର ରାତିସାରା ଓ ସୋମବାର ଦିନ ସାରା ବର୍ଷାଲାଗି ରହିଥିବାରୁ ଅଞ୍ଚଳର ଯୋର, ନାଳ ଓ ଜଳାଶୟ ଫୁଲି ଉଠିଛି।

ହରିହରଯୋର ମଧ୍ୟମ ଜଳ ସେଚନ ପ୍ରକଳ୍ପ(ଠେଙ୍ଗୋ ଡ୍ୟାମ)ରେ ବର୍ଷା ଜଳ ଆସି ଡ୍ୟାମ ଫୁଲି ଉଠିଛି। ଲଗାଣ ବର୍ଷା ପ୍ରଭାବରେ ଭୁତିଆପାଲି ଓ ଲୁଡୁରପଙ୍କ ମଝିରେ ବହିଯାଇ ଥିବା ଘୁଙ୍ଗି ନାଳରେ ବନ୍ୟା ପାଣି ଆସି ପୋଲ ଉପରେ ପ୍ରାୟ ୫ଫୁଟର ପାଣି ପ୍ରବାହିତ ହେଉଛି। ଏଥିଯୋଗୁ ସମ୍ପୃକ୍ତ ପଥରେ ଯାତାୟତ ବାଧାପ୍ରାପ୍ତ ହୋଇଛି। ବୀରମହାରାଜପୁର-ଅମରପାଲି ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ରହିଛି। ସୋନପୁରରୁ ଅମରପାଲି ଦେଇ ରେଢାଖୋଲକୁ ଯାଉଥିବା ବସ୍ ମୁର୍ଷୁଣ୍ଡୀରୁ ଯୁଯୁମୁରା ଦେଇ ସମ୍ବଲପୁରକୁ ଯାଉଥିବା ବସ୍‌ସେବା ବନ୍ଦ ରହିଛି। ପୋଲ ଉପରେ ବନ୍ୟା ପାଣି ପ୍ରବାହିତ ହେଉଥିବାରୁ ବୀରମହାରାଜପୁରକୁ ଅଫିସ କାମରେ ଯାଉଥିବା କର୍ମଚାରୀ ଓ ଶିକ୍ଷକମାନେ ଉଭୟ ପାର୍ଶ୍ୱରେ ଅଟକି ରହିଥିଲେ। ପ୍ରତିବର୍ଷ ଉକ୍ତ ପୋଲ ଉପରେ ବନ୍ୟାଜଳ ଆସୁଥିଲେ ମଧ ବିଭାଗୀୟ ଅବହେଳା ଯୋଗୁଁ ପୋଲର ଉଚ୍ଚତା ଏଯାଏ ବୃଦ୍ଧି କରାଯାଇ ପାରୁନାହିଁ। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଉଛି। ସେହିପରି ଅଡାଲ ଓ ଚୌକା ମଝିରେ ଯାଇଥିବା ଯୋରର ପୋଲ ଉପରେ ୪ଫୁଟର ପାଣି ପାଣି ପ୍ରବାହିତ ହେଉଛି। ଏଥିଯୋଗୁ ବୀରମହାରାଜପୁର-ମୁର୍ଷୁଣ୍ଡୀ-ଖଣ୍ଡହତା ଯୋଗାଯୋଗ ବିଚ୍ଛିନ୍ନ ରହିଛି। ଚୌକାଠାରେ ଦୀର୍ଘଦିନ ହେଲା ନୂତନଭାବେ ପୋଲ ନିର୍ମାଣ ବିଳମ୍ବ ହେଉଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଲଗାଣ ବର୍ଷା ଯୋଗୁଁ କଚ୍ଚାଘରେ ରହୁଥିବା ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଅନେକ ସ୍ଥାନରେ ମାଟିଘର ଭାଙ୍ଗି ଯାଇ ଥିବା ଅଭିଯୋଗ ହେଉଛି। ତୁରନ୍ତ ସେମାନଙ୍କୁ ପଲିଥିନ ସହ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

# ବୌଦ୍ଧ ସହର ସ୍ଥିତି ବେହାଲ

- ଗଛପଡି ଜାତୀୟ ରାଜପଥ ଅବରୋଧ
- ମଧାହ୍ନ ସୁଦ୍ଧା ବୌଦ୍ଧରେ ୧୮୪, ହରଭଙ୍ଗାରେ ୧୫୨ ମି.ମି ବର୍ଷା

ବୌଦ୍ଧ, ୧୩।୯(ସ୍ୱ.ପ୍ର.)

ରବିବାର ରାତିରୁ ଅବିଶ୍ରାନ୍ତ ବର୍ଷା ଫଳରେ ବୌଦ୍ଧ ସହର ବେହାଲ୍ ହୋଇଯାଇଛି। କେଉଁଠି ବର୍ଷା ଜଳ ଘର ମଧକୁ ପ୍ରବେଶ କରିଛି ତ, ଆଉ କେଉଁଠି ଜଳ ନିଷ୍କାସନ ହୋଇ ନ ପାରି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଜିଲାର ବିଭିନ୍ନ ସ୍ଥାନରେ ଶତାଧିକ କଚ୍ଚାଘର ଭାଙ୍ଗିଯାଇଛି। ବୌଦ୍ଧ ସହରରେ ବନ୍ୟା ପରିସ୍ଥିତି ଯୋଗୁ ବହୁ ଲୋକଙ୍କ ଘରେ ବର୍ଷା ଜଳ ପ୍ରବେଶ କରିଛି। କୋଭିଡ କେୟାର ସେଣ୍ଟର ମଧରେ ବର୍ଷା ପାଣି ପଶି ଆମ୍ବୁଲାନ୍ସ ସବୁ ପାଣି ଘେରରେ ରହିଛି। ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର ମୁରୁଷୁଣ୍ଡି ଓ ବହିରା ଗ୍ରାମ ନିକଟରେ ଗଛ ପଡିବା ଯୋଗୁ ଦୀର୍ଘ ସମୟ ଧରି ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ବୌଦ୍ଧ ଦମକଳ ଓ ଓଡ୍ରାଫ କର୍ମଚାରୀଙ୍କ ସହାୟତାରେ ଗଛ କଟାଯାଇ ଗାଡି ଚଳାଚଳ ସ୍ୱାଭାବିକ କରାଯାଇଥିଲା। ସେହିପରି ହରଭଙ୍ଗା ବ୍ଲକ ଅଧୀନ କରଞ୍ଜକଟା ଗ୍ରାମର ବିଦ୍ୟାଳୟ ସମ୍ମୁଖରେ ଏକ ଗଛ ପଡିଯିବାରୁ ଚାରିଛକ ହରଭଙ୍ଗା ମଧ୍ୟରେ ଯୋଗଯୋଗ ବିଛିନ୍ନ ହୋଇ ଯାଇଥିଲା। ସହରର ଅନେକ ସ୍ଥାନରେ ରହିଥିବା ଡ୍ରେନ ଓ ଜଳ ନିଷ୍କାସନ ପଥ ଉପରେ ଲୋକେ ଘର କରି ଅବରୋଧ କରିଥିବାରୁ ସମସ୍ୟା ଉପୁଜିଛି।

ସୋମବାର ମଧାହ୍ନ ସୁଦ୍ଧା ବୌଦ୍ଧ ଅଞ୍ଚଳରେ ୧୮୪ ମିମି, ହରଭଙ୍ଗା ଅଞ୍ଚଳରେ ୧୫୨ ମିମି ଓ କଣ୍ଟାମାଳ ଅଞ୍ଚଳରେ ୬୦ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ବୌଦ୍ଧ ସହରର ବସଷ୍ଟାଣ୍ଡ, ଖଳିଆ ବଗିଚା, ଖଦାଳ ସାହି, ମୁସଲିମ ସାହି ଓ ବଗିଚା ସାହିରେ ଅନେକ ଘରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିବା ଦେଖିବାକୁ ମିଳିଛି।




କୋଭିଡ କେୟାର ସେଣ୍ଟରରେ ପାଣି ଜମି ରହିଛି।

# ନଦୀକୁ ଖସିପଡ଼ିଲେ ବାଇକ୍ ଆରୋହୀ



ସ୍ଥାନୀୟ ଲୋକେ ଜିରା ନଦୀରେ ଉଦ୍ଧାର କାର୍ଯ୍ୟ କରୁଛନ୍ତି।

ବରଗଡ଼ ଅଫିସ୍, ୧୩।୯

ବରଗଡ଼ ସହରରୁ ଅମ୍ବାପାଲିକୁ ସଂଯୋଗ କରୁଥିବା ଜିରା ନଦୀ ଫେୟାରୱେଦର ରାସ୍ତା ଉପରୁ ସୋମବାର ସନ୍ଧ୍ୟାରେ ବାଇକ୍‌ରୁ ୨ଜଣ ପଡ଼ି ଅଳ୍ପକେ ବର୍ତ୍ତିଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିବାରୁ ଏକ ବଡ଼ ଅଘଟଣକୁ ଏଡ଼ାଇ ଦିଆଯାଇପାରିଛି।

ପ୍ରକାଶ ଯେ, ଅମ୍ବାପାଲିରୁ ୨ଜଣ ଏକ ବାଇକ୍ ଯୋଗେ ଜିରା ନଦୀ ଫେୟାରୱେଦର ରାସ୍ତାରେ ବରଗଡ଼ ସହରକୁ ଆସୁଥିଲେ। ସେମାନେ ଜିରା ନଦୀ ଅତିକ୍ରମ କରୁଥିବା ବେଳେ ଫେୟାରୱେଦର ରାସ୍ତା ଉପରେ ଯାଉଥିବା ପାଣିସ୍ରୋତରେ ବାଇକ୍ ସହିତ ଭାସି ଯାଇଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଲୋକେ ଏହା ଦେଖି ନଦୀକୁ ଡ଼େଇଁ ପଡ଼ି ଦୁଇ ବାଇକ୍ ଆରୋହୀଙ୍କୁ ପ୍ରଥମେ ଉଦ୍ଧାର କରିଥିଲେ। ନଦୀରେ ପାଣିସ୍ରୋତ ବେଶୀ ନ ଥିବା ଯୋଗୁ ପରେ ନଦୀରୁ ବାଇକ୍‌କୁ ଆଣିଥିଲେ। ବାଇକ୍ ଆରୋହୀଦ୍ୱୟ ସୁସ୍ଥ ଥିବା ଯୋଗୁ ସେମାନେ ଘରକୁ ଫେରିଥିଲେ। ଏ ନେଇ ଅଗ୍ନିଶମ ବିଭାଗକୁ ପଚାରିବାରୁ ଘଟଣା ନେଇ ତାଙ୍କୁ କିଛି ସୂଚନା ମିଳି ନ ଥିବା ବିଭାଗୀୟ ଅଧିକାରୀ କହିଥିଲେ।

# ବେଲପଡ଼ାରେ ୭୨ ମିମି ବର୍ଷା ରେକର୍ଡ

ବଲାଙ୍ଗୀର ଅଫିସ, ୧୩।୯

ଦୁଇଦିନର ଲଗାଣ ବର୍ଷା ଫଳରେ ବଲାଙ୍ଗୀର ଜିଲାର ନଦୀ ନାଳରେ ବର୍ଷାପାଣି ପ୍ରବାହିତ ହେଉଛି। ଗତ ୨୪ ଘଣ୍ଟା ଭିତରେ ଜିଲାରେ ୨୫.୭୩ ହାରରେ ୩୬୦.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବେଲପଡା ବ୍ଲକରେ ସର୍ବାଧିକ ୭୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବଲାଙ୍ଗୀର ଓ ପୁଇଁତଲା ବ୍ଲକ୍‌ରେ ୪୪ ମିଲିମିଟର, ଗୁଡଭେଲା ବ୍ଲକ୍‌ରେ ୧୮ ମିମି, ଆଗଲପୁରରେ ୩୯ ମିମି, ଦେଓଗାଁରେ ୨୩, ଲୋଇସିଂହାରେ ୧୭, ପାଟଣାଗଡରେ ୧୨, ଟିଟିଲାଗଡରେ ୫୨.୮, ମୁରିବାହାଲରେ ୧୦, ତୁରେକେଲାରେ ୯.୪, ବଙ୍ଗୋମୁଣ୍ଡାରେ ୬, ସଇଁତଲାରେ ୯ ଏବଂ ଖପ୍ରାଖୋଲ ବ୍ଲକ୍‌ରେ ସର୍ବନିମ୍ନ ୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ଚଳିତବର୍ଷ ବଲାଙ୍ଗୀର ଜିଲାରେ ବର୍ଷାଭାବ ଯୋଗୁଁ ମରୁଡି ପରିସ୍ଥିତ ସୃଷ୍ଟି ହୋଇଛି। ଜିଲାର ଅଧିକାଂଶ ସ୍ଥାନରେ ଚାଷୀମାନେ ବର୍ଷାପାଣି ଅଭାବରୁ ଧାନଚାଷ କରିପାରିନାହାନ୍ତି। ବିଶେଷକରି ଆଁଟ, ମାଲ୍ ଓ ବେର୍ଣ୍ଣା ଜମିରେ ଚାଷର ହୋଇନାହଁ। କିଛି ବାହାଲ ଜମିରେ ଚାଷ ବଞ୍ଚିଛି। ଦୁଇଦିନର ଲଗାଣ ବର୍ଷା ପରେ ଏହି ବାହାଲ ଜମିର ଧାନଚାଷକୁ ଏହି ବର୍ଷା ଉପାଦେୟ ହେବ ବୋଲି ଚାଷୀମାନେ କହିଛନ୍ତି। ଚଳିତବର୍ଷ ଚାଷକାମ ଆରମ୍ଭ ହୋଇ ନ ଥିବାରୁ ଅଧିକାଂଶ ଜମି ପଡିଆ ପଡିଛି। ଯେଉଁ କିଛି ଜମିରେ ଚାଷ ହୋଇଛି ସେଠାରେ ପାଣି ଅଭାବରୁ ଚାଷ ମରିବାକୁ ବସିଥିଲା। ଗତ ଦୁଇଦିନ ଭିତରେ ଜିଲା କିଛି ଅଞ୍ଚଳରେ ଲଗାଣ ବର୍ଷା ହୋଇଥିବାରୁ ଶୁଖିଯାଇଥିବା ନଦୀ, ନାଳାରେ ବର୍ଷା ପାଣି ପ୍ରବାହିତ ହେବ ଦେଖାଦେଇଛି। ଜିଲାର ପ୍ରମୁଖ ନଦୀ ତେଲ, ଅଙ୍ଗ, ସୁକ୍‌ତେଲ, ଲାନ୍ଥ, ସୋନ୍‌ଗଡ, ଉନ୍ଦେର ନଦୀରେ ବର୍ଷା ପାଣି ପ୍ରଭାବିତ ହେବା ଦେଖାଯାଇଛି। ଭାଦ୍ରବ ମାସ ପର୍ଯ୍ୟନ୍ତ ଚଳିତବର୍ଷ ନଦୀନାଳା, ପୋଖରୀ, କଟା ଶୁଖିଲା ପଡିଥିଲା। ତେବେ ବିଶେଷକରି ଜିଲାର ଅତ୍ୟଧିକ ଶୁଷ୍କାଞ୍ଚଳ ଭାବେ ପରିଚିତ ମୁରିବାହାଲ, ବଙ୍ଗୋମୁଣ୍ଡା, ଖପ୍ରାଖୋଲ, ତୁରେକେଲା, ବେଲାପଡା, ଟିଟିଲାଗଡ, ପାଟଣାଗଡ ଅଞ୍ଚଳରେ ନିହାତି କମ୍ ବର୍ଷା ହୋଇଥିବାରୁ ଏହି ଅଞ୍ଚଳରେ ଚାଷୀମାନେ ବାହାଲ ଜମିରେ ମଧ ଧାନଚାଷ ଉପରୁ ଆଶା ଛାଡିଦେଇଛନ୍ତି। ଆଗକୁ ଆହୁରି ବର୍ଷା ନହେଲେ ଏହି ଲଗାଣ ବର୍ଷା ମଧ ଧାନକୁ ବଞ୍ଚାଇ ପାରିବନାହିଁ ବୋଲି ଚାଷୀମାନେ ଆଶଙ୍କା କରୁଛନ୍ତି।



ସୁକ୍‌ତେଲ ନଦୀରେ ସେପ୍ଟେମ୍ବର ମାସ ୧୩ରେ ପ୍ରଥମେ ଦୁଇ କୂଳ ଖାଇ ପାଣି ଆସିଛି।

# ବନ୍ୟାସ୍ରୋତରେ ଭାଙ୍ଗିଲା ଜଳ ପ୍ରକଳ୍ପ ଇନ୍‌ଟେକ ୱେଲ



ସୁବଳୟା ଜଳ ଯୋଗାଣ ଇନଟେକ ୱେଲ ଭାଙ୍ଗି ପଡିଛି।

ଅମରପାଲି, ୧୩।୯(ଡି.ଏନ.ଏ)

ସୁବର୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟାରେ ଥିବା ଜଳ ଯୋଗାଣ ପ୍ରକଳ୍ପ ଇନଟେକ ୱେଲ ବନ୍ୟ ସ୍ରୋତରେ ଭାଙ୍ଗି ଯାଇଛି। ସୁବଳୟାକୁ ପାନୀୟ ଜଳ ଯୋଗଣ ପାଇଁ ନିକଟସ୍ଥ ହରିହର ଯୋରରେ ଇନଟେକ ୱେଲ ଖନନ କରାଯାଇଥିଲା। ଏଥିରୁ ପାଇପ ଲାଇନ ସାହାଯ୍ୟରେ ଜଳ ଯୋଗାଣ ହେଉଥିଲା। ମାତ୍ର ଏବେ ଇନଟେକ ୱେଲରୁ ମୋଟର ଲଗାଇ ସିଧା ସଲଖ ଗ୍ରାମକୁ ଜଳ ଯୋଗାଣ ହେଉଥିଲା। ସୋମବାର ହରିହର ଯୋରରେ ବନ୍ୟା ପାଣି ଆସିବାରେ ଏହା ଭାଙ୍ଗି ଯାଇଛି। ଫଳରେ ଏବେ ୪ରୁ ୫ହଜାର ଲୋକସଂଖ୍ୟା ବିଶିଷ୍ଟ ଗ୍ରାମବାସୀଙ୍କୁ ପାଇପ ଜଳ ଯୋଗାଣ ବ୍ୟାହତ ହେବ।

# ଜାମ୍ବୁ ନାଳ ଉପରେ ୫ ଫୁଟ ପାଣି, ୪ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ

ବାଉଁଶୁଣୀ, ୧୩।୯(ଡି.ଏନ.ଏ.)

ରବିବାର ସନ୍ଧ୍ୟାରୁ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ବୌଦ୍ଧ ବ୍ଲକ ଜହ୍ନାପଙ୍କ-ଖମାରିପଡା ରାସ୍ତାର ଦାମୋଦରପୁର ନିକଟସ୍ଥ ଜାମ୍ବୁ ନାଳ ଉପରେ ୫ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଛି। ଫଳରେ ମୁଣ୍ଡାପଡା ପଞ୍ଚାୟତର କୃଷ୍ଣପାଲି, ଖମାରିପଡା, କମିରା ଓ ଖଣ୍ଡପଡା ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି। ପୋଲ ଉପରେ ପାଣି ପ୍ରବାହିତ ହେଉଥିବାରୁ ଜନସାଧାରଣ ଜରୁରୀ କାମରେ ଯାଇ ନ ପାରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୂଚନାଯୋଗ୍ୟ, ଏହି ରାସ୍ତାରେ ଉଚ୍ଚା ପୋଲ ନିର୍ମାଣ ପାଇଁ ଅଞ୍ଚଳବାସୀ ଦୀର୍ଘଦିନ ହେଲା ଦାବି କରି ଆସୁଥିଲେ। ଫଳରେ ରାସ୍ତାର ଉନ୍ନତୀକରଣ ସାଙ୍ଗକୁ ଜାମ୍ବୁ ପୋଲକୁ ଉଚ୍ଚ କରିବା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଅର୍ଥ ମଞ୍ଜୁର ହୋଇଥିଲା। ଜାମ୍ବୁ ନାଳ ଉପରେ ପୋଲ ନିର୍ମାଣ ପାଇଁ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ ଗତ ଫେବୃୟାରୀ ମାସ ୧୨ ତାରିଖରେ ଶୁଭ ଦେଇଥିଲେ। ଆଶା ଥିଲା ଅଞ୍ଚଳବାସୀ ବର୍ଷା ଦିନେ ସୁବିଧାରେ ଯିବା ଆସିବା କରି ପାରିବେ। ଏପରି କି ରାସ୍ତା ନିର୍ମାଣ ପାଇଁ ଠିକାଦାର ବାଇପାସ ରୋଡ ମଧ ତିଆରି କରିଥିଲେ। କିନ୍ତୁ କୌଣସି କାରଣରୁ ଠିକାଦାର ଏଠାରୁ କ୍ୟାମ୍ପ ଉଠାଇ ନେଲେ। ବିଭିନ୍ନ ସମୟରେ ଏହି ବାଟ ଦେଇ ପ୍ରଶାସନିକ ଅଧିକାରୀ ଏବଂ ସ୍ଥାନୀୟ ବିଧାୟକ ନିଜ ଘର ବିଜାପଦରକୁ ଯାଉଥିବା ବେଳେ ରାସ୍ତା ସମସ୍ୟା ପ୍ରତି ନଜର ନ ପଡିବା ଜନ ଅସନ୍ତୋଷର କାରଣ ହୋଇଛି। ଗତ ଜୁଲାଇ ୨୯ ତାରିଖରେ ଏହି ନାଳ ଉପରେ ପ୍ରଥମ ବନ୍ୟା ଜଳ ପ୍ରବାହିତ ହେବା ଯୋଗୁ ୬ ଘଣ୍ଟା ଧରି ମୁଣ୍ଡାପଡା ପଞ୍ଚାୟତର ଉପରୋକ୍ତ ୪ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥିଲା। ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଥିବାରୁ ଯଦି ପୋଲ ନିର୍ମାଣ କରା ନ ଯାଏ ତେବେ ଅଞ୍ଚଳବାସୀ ନିର୍ବାଚନ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି।



ପୋଲ ଉପରେ ବର୍ଷା ଜଳ ପ୍ରବାହିତ ହେଉଛି।

# ଯୋଗୀ ଅତ୍ୟାନନ୍ଦଙ୍କ ୧୮୧୦କି.ମି. ପଦଯାତ୍ରା

ଭବାନୀପାଟଣା, ୧୩।୯(ଡି.ଏନ.ଏ.)

କଳାହାଣ୍ଡି ଜିଲାର ଆଦିବାସୀ ଓ ଦଳିତ ସମାଜର ବିକାଶ ପାଇଁ ସତ୍‌ସବୃତି ସେବା ଟ୍ରଷ୍ଟ ତରଫରୁ ଯୋଗୀ ଅତ୍ୟାନନ୍ଦ ହରିୟାଣା ରାଜ୍ୟର କୁରୁକ୍ଷେତ୍ର (ଜ୍ୟୋତିସର) ଠାରୁ କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକର ଚାଞ୍ଚେର ପର୍ଯ୍ୟନ୍ତ ୧୮୧୦ କିମି ପଦଯାତ୍ରା କରି ପହଞ୍ଚିଛନ୍ତି। ଏହି ଅବସରରେ ଭବାନୀପାଟଣା ଓ ଚାଞ୍ଚେରଠାରେ ଯୋଗୀ ଅତ୍ୟାନନ୍ଦ ଓ ତାଙ୍କ ସହଯୋଗୀଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଜିଲାର ଆଦିବାସୀ ଓ ଦଳିତ ସମାଜର ସାମୁହିକ ବିକାଶ ସହିତ ଶିଶୁ ଓ ମାତୃ ପୃଷ୍ଟିହୀନତା ଦୂର ତଥା ଗୋ ସୁରକ୍ଷା ପାଇଁ ଯୋଗୀ ଅତ୍ୟାନନ୍ଦ ଜୁନ ୨୧ ତାରିଖ ଦିନ କଳାହାଣ୍ଡି ଅଭିମୁଖେ ପଦଯାତ୍ରା ଆରମ୍ଭ କରିଥିଲେ। ୮୪ ଦିନ ଧରି ପଦଯାତ୍ରା କରିବା ପରେ ଗତ ୧୧ ତାରିଖ ସନ୍ଧ୍ୟାରେ ଭବାନୀପାଟଣା ଠାରେ ପହଞ୍ଚିଥିଲେ। ତାଙ୍କୁ ସେବା ଟ୍ରଷ୍ଟ ତରଫରୁ ଆଇନଜୀବୀ ସିଦ୍ଧାର୍ଥ ନାୟକ ଓ ଗଦାଧର ଜୀ ପ୍ରମୁଖ ସ୍ୱାଗତ କରିଥିଲେ। ୧୨ ତାରିଖ ସକାଳୁ ଅତ୍ୟାନନ୍ଦ ପଦଯାତ୍ରାରେ ଭବାନୀପାଟଣା ବ୍ଲକ ଅନ୍ତର୍ଗତ ଜୁଗସାଇପାଟଣା ପଞ୍ଚାୟତର ଚାଞ୍ଚେରଠାରେ ପହଞ୍ଚିବା ପରେ ସେଠାରେ ସ୍ଥାନୀୟ ଜନସାଧାରଣ ସ୍ୱାଗତ କରିଥିଲେ। ସେଠାରେ ସତ୍‌ସବୃତି ସେବା ଟ୍ରଷ୍ଟ ତରଫରୁ ନିର୍ମାଣ ହେବାକୁ ଥିବା ଗୋଶାଳାର ଭୂମିପୂଜନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ପଦଯାତ୍ରାରେ ଆହ୍ଲାବାଦସ୍ଥିତ ପ୍ରୟାଗର ସେଜ୍ ନାରାୟଣ ଓଝା, ଜବଲପୁରର ଶଶାଙ୍କ ଦୁବେ, ହରିୟାଣାର ଜିତେନ୍ଦ୍ର ଶର୍ମା, କ୍ଷମା ଶର୍ମା, ମୁନିତ ରଣା ଓ ଉର୍ବି ଭଗତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଗୋଶାଳାରେ ଉନ୍ନତମାନର ଗାଈ ରଖାଯିବ ବୋଲି ଯୋଗୀ ଅତ୍ୟାନନ୍ଦ ପ୍ରକାଶ କରିଥିଲେ।



ଯୋଗୀ ଅତ୍ୟାନନ୍ଦଙ୍କୁ ସ୍ୱାଗତ କରାଯାଉଛି।

# ଘର ତାଲା ଭାଙ୍ଗି ଲୁଟିଲେ

ନୂଆପଡା ଅଫିସ, ୧୩।୯

ନୂଆପଡା ସଦର ମହକୁମା ଦିଆମୁଣ୍ଡା ବିଦ୍ୟା ନଗର ୱାର୍ଡ ନଂ.୧୩ରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘର ତାଲାଭାଙ୍ଗି ଚୋରମାନେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି କରି ନେଇଛନ୍ତି। ଏନେଇ ଘର ମାଲିକ ଅଶ୍ୱିନୀ କୁମାର ପାଣିଗ୍ରାହୀ ସଦର ପୋଲିସ ଷ୍ଟେଶନରେ ଲିଖିତ ଅଭିଯୋଗ କରିଛନ୍ତି। ଏସଆଇ ବିନୟ କେର୍କେଟାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଡଗସ୍କ୍ୱାଡ ସହାୟତାରେ ତଦନ୍ତ ଆରମ୍ଭ କରିଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ନୂଆପଡା ଏସ୍‌ଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକ କହିଛନ୍ତି। ଅଭିଯୋଗ ଅନୁଯାୟୀ ଜାତୀୟ ରାଜପଥ ୩୫୩କୁ ଲାଗି କରି ଅଶ୍ୱିନୀଙ୍କ ଘର ରହିଛି। ନୂଆଁଖାଇ ପାଇଁ ସେ ତାଙ୍କ ନିଜ ଗାଁ ବୋଡେନ ବ୍ଲକ କେରାପଦରକୁ ଗତ ୧୧ ତାରିଖ ସକାଳେ ପରିବାର ସହ ଯାଇଥିଲେ। ସୋମବାର ସେ ନୂଆପଡା ଫେରିବା ବେଳେ ବାସଭବନ ବାହାର କବାଟ ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। କେହି ନ ଥିବା ସୁଯୋଗ ନେଇ ଘରର ଦୁଇଟି ଆଲମାରୀ ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା, ରୂପା ଓ ନଗଦ ୧୪ ହଜାର ଟଙ୍କା ଚୋରମାନେ ଲୁଟି ନେଇଥିବା ଅଶ୍ୱିନୀ ଥାନାରେ ଏତଲା ଦେଇଥିଲେ। ସୂଚନାଯୋଗ୍ୟ ଯେ, ଚୋରିରର ଶିକାର ଅଶ୍ୱିନୀ ଗଣମାଧ୍ୟମ ସହ ସଂଶ୍ଳିଷ୍ଟ ରହିଛନ୍ତି।

